**ଦେଓଦର୍ହାରେ ବନ ଦିବସ ପାଳିତ**

ନୂଆପଡ଼ା ଅଫିସ: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦର୍ହା ପଞ୍ଚାୟତ ଧଉରାଭଟା ଗ୍ରାମ ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ନାଏବ ସରପଞ୍ଚ ହିରାସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଅରୁଣ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ଅଭିବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ୱାର୍ଡ ସଭ୍ୟା/ସଭ୍ୟ, ମହିଳା, ପୁରୁଷ ଓ ଅଞ୍ଚଳର ଯୁବ ଅନୁଷ୍ଠାନ ଯୋଗଦେଇଥିଲେ। ମହେନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମହାବିଦ୍ୟାଳୟର ସର୍ବେକ୍ଷଣ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୪।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଡିଗ୍ରୀ ଆଦର୍ଶ ମହାବିଦ୍ୟାଳୟର ନୃତତ୍ୱ ଓ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ମିଳିତ ଭାବେ ନେହେନା ପାଞ୍ଚୟତ ତୋଲି ଗ୍ରାମଠାରେ ସାତ ଦିନିଆ ଗବେଷଣା ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ମୁଖ୍ୟଅତିଥି ଆଦର୍ଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ଯୋଗଦେଇ ଗବେଷଣା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ନୃତତ୍ୱ ବିଭାଗ ମୁଖ୍ୟ ଡ ଶିବ କୁମାର, ଅଧ୍ୟାପକ ପରମାନନ୍ଦ ପାନ, ଶିବ ବାବୁ, ରତ୍ନାକର ପଳେଇ, ପ୍ରିୟଙ୍କା କମପାଳ, ସୌମ୍ୟ ରଞ୍ଜନ ସିଂ, ଆଦର୍ଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମାଜ ଶାସ୍ତ୍ର ମୁଖ୍ୟ ସୁରେନ୍ଦ୍ର କୁଲେଟ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରୁପ୍ରାରୋଡ଼,୨୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସାରଙ୍ଗ ବହିଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରିଆଁ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି, ନୋଡାଲ ପ୍ରଧାନ ଶିକ୍ଷକ ଟଙ୍କଧର ସାହା, ନର୍ଲା ବ୍ଲକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ସମେତ ବିଦାୟୀ ଶିକ୍ଷକ ବହିଦାର ମଞ୍ଚାସୀନ ଥିଲେ। ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ବେହେରା, ଦୟାନିଧି ପଧାନ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଅତୀତର ସ୍ମୃତିଚାରଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କ୍ଷୀରସିନ୍ଧୁ ବାଗ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଭତ୍ତା ବାଣ୍ଟିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ



**କୋକସରା,୨୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କନ୍ଦାବୁଟୁରା ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ କନ୍ଦାବୁଟୁରା ପଞ୍ଚାୟତର ଦୁଇ ଗ୍ରାମ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ବିବାଦକୁ ନେଇ ତୁନଗାଁ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ସମୁଦାୟ ୧୧ଟି ୱାର୍ଡ଼ ମଧ୍ୟରୁ ୫ଟି ୱାର୍ଡ଼ରେ ନିର୍ବାଚନ ହୋଇଥିଲା। ୫ଟି ୱାର୍ଡ଼କୁ ନେଇ ନିର୍ବାଚିତ ସରପଞ୍ଚ ଥିଲେ ମଧ କୋରମ ଅଭାବରୁ କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କୁ ଗତ ଫେବୃୟାରୀ ୨୭ ତାରିଖଠାରୁ ସାମୟିକ ରୂପେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ। ସରପଞ୍ଚ ଦାୟିତ୍ୱ ନେବା ପରେ ଅଧିକାରୀ ଶୁକ୍ରବାର କନ୍ଦାବୁଟୁରା ପଞ୍ଚାୟତର କନ୍ଦାବୁଟୁରା ଓ ତୁନଗାଁରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ଶାରିରୀକ ଅସୁସ୍ଥତା କାରଣରୁ ଘରେ ରହୁଥିବା ବୃଦ୍ଧ, ବୃଦ୍ଧାଙ୍କୁ ଘର ଘର ବୁଲି ଭତ୍ତା ବାଣ୍ଟିବା ସହ ଅନ୍ୟ ହିତାଧିକାରୀଙ୍କୁ ମଧ ଭତ୍ତା ବଣ୍ଟନ କରିଛନ୍ତି।

### ହିନ୍ଦୁ ନବବର୍ଷ ପାଳିତ

**ବୋଡେନ,୨୪।୩(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବୋଡେନ ସରସଂଘ ଚାଳକ ଗଜରାଜ ବୈଠାରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୟାଧର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଶୋଜନେଶ୍ୱର ମଲ୍ଲିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ରୋହିତ କୁମାର ଦଣ୍ଡସେନା, ଧନିକର ଜଗତ, ଟିକେଶ୍ୱର ନାଗ, ଧର୍ମେନ୍ଦ୍ର ନାଏକ ପ୍ରମୁଖ ସ୍ୱୟଂ ସେବକ ଉପସ୍ଥିତ ଥିବା ବେଳେ ମୁଖ୍ୟ ପ୍ରଶିକ୍ଷକ ପ୍ରସାନନ୍ଦ କୁମ୍ଭାର ଓ ପ୍ରାର୍ଥନା ପ୍ରମୁଖ ତ୍ରିନାଥ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରନ ହଂସ, ହେରମ୍ବ ତାଣ୍ଡି, ଶୁଭଲକ୍ଷ୍ମୀ ସାହୁ, ଅନ୍ନପୂର୍ଣ୍ଣା ମାଝି, ସସ୍ମିତା ପଟ୍ଟନାୟକ ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଓ ସ୍ୱୟଂସେବକ ଯୋଗଦାନ କରିଥିଲେ।

# ସ୍ୱାସ୍ଥ୍ୟ କର୍ମୀ ଦ୍ୱାରା ଚାଲିଛି ରୋଗୀ ସେବା

**ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

- ୮ ମାସ ହେଲା ଡାକ୍ତର ପଦ ଖାଲି
- ଫାର୍ମାସିଷ୍ଟଙ୍କ ଅବସର ପରେ ପଦବୀ ଖାଲି
- ହନ୍ତସନ୍ତ ହେଉଛନ୍ତି ରୋଗୀ
- ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ
- ୭ ଦିନ ମଧ୍ୟରେ ନିଯୁକ୍ତି ଦିଆ ନ ହେଲେ ଆନ୍ଦୋଳନ



ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


ସିଡିଏମଓଙ୍କ ନିକଟରେ ଅଭିଯୋଗ କରାଯାଉଛି।

**କେସିଙ୍ଗା,୨୪।୩(ଡି.ଏନ.ଏ.)**

ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ବିଭିନ୍ନ ମେଡିକାଲର ଭିତ୍ତିଭୂମି ସଜାଡ଼ିବା ଦିଗରେ ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ଅନେକ ମେଡିକାଲରେ ଆବଶ୍ୟକ ଡାକ୍ତର ନ ଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନରୁ ଡାକ୍ତର ଓ ଫାର୍ମାସିଷ୍ଟ ନ ଥିବାରୁ ରୋଗୀସେବା ପ୍ରାଧପ୍ରାପ୍ତ ହେଉଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ଜଣେ ସ୍ୱାସ୍ଥ୍ୟ କର୍ମୀ ଦ୍ୱାରା ରୋଗୀ ସେବା ଚାଲିଛି। ଏହି ସମସ୍ୟା ନେଇ ଶୁକ୍ରବାର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ ଓ କେସିଙ୍ଗା ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରାଜକୁମାରି ସରାଫ, ଟୁକୁ ରାମ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀମାନେ ସିଡିଏମଓଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ବେଲଖଣ୍ଡି ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ଓ ସ୍ଥାୟୀ ଲେବୋରେଟାରୀ ଓ ଟେକ୍ନିସିଆନ ଯୋଗାଇଦେବା ନିମନ୍ତେ ଲିଖିତ ଭାବେ ଜଣାଇଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ନିଯୁକ୍ତି ଦିଆ ନ ଗଲେ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୮ମାସ ହେଲା ଡାକ୍ତର ପଦବୀ ଖାଲି ପଡ଼ିଛି। ଏଠାରେ ନିଯୁକ୍ତି ପାଇଥିବା ଡାକ୍ତର କୌଣସି କାରଣବଶତଃ ଚାକିରିରୁ ଅବସର ନେଇଥିଲେ। ଆଉ ଯେଉଁ ଫାର୍ମାସିଷ୍ଟ ଜଣ ମଧ ଥିଲେ ଗତ ମାସରୁ ଅସର ନେଇଛନ୍ତି। ଫଳରେ ଡାକ୍ତର, ଫାର୍ମାସିଷ୍ଟ ନ ଥିବାରୁ ବେଲଖଣ୍ଡି, ସିର୍ଜାପାଲି, ହାତୀଖୋଜ, ତୁଣ୍ଡଲା ପ୍ରମୁଖ ପଞ୍ଚାୟତ ରୋଗୀମାନେ କେସିଙ୍ଗା, ଭବାନୀପାଟଣା, ଟିଟିଲାଗଡ ଦୂରଦୁରାନ୍ତକୁ ଯାଇ ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ୫ଟି ପଞ୍ଚାୟତର ପ୍ରାୟ ୨୦ହାଜର ଲୋକ ନିର୍ଭର କରିଥାନ୍ତି। ହେଲେ ବିଡମ୍ବନାର ବିଷୟ ମେଡିକାଲରେ ଡାକ୍ତର, ଲେବୋରେଟାରି, ଟେକନିସିଆନ, ଫାର୍ମାସିଷ୍ଟ ନାହାନ୍ତି। ଯେଉଁଥି ପାଇଁ ଲୋକେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ଡାକ୍ତରଖାନାରେ ସରକାରୀ ଔଷଧ ମଧ ମିଳେ ନାହିଁ। ଫଳରେ ଡାକ୍ତରଖାନାକୁ ରୋଗୀ ଆସି ଫେରି ଯାଉଛନ୍ତି। ସାମାନ୍ୟ ଜର, କାଶ ଇତ୍ୟାଦି ସାଧାରଣ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ରୋଗୀମାନେ ଯିବାକୁ ପଡୁଛି। ଏ ସଂକ୍ରାନ୍ତରେ ସିଡିଏମଓଙ୍କୁ ପଚାରିବାରୁ ଆସନ୍ତା ସପ୍ତାହ ମଧ୍ୟରେ ଜଣେ ଫାର୍ମାସିଷ୍ଟଙ୍କୁ ପଠାଇବାଇ ଏବଂ ଡାକ୍ତର ପଦବୀ ଜିଲାରେ ଖାଲି ରହିଛି। ରାଜ୍ୟ ସରକାର ନିଯୁକ୍ତି ଦେଲେ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ।

## କୃଷକ କର୍ମଶାଳା ପରାମର୍ଶ ବୈଠକ

**କୋକସରା,୨୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଟେମରା ଧାନ ମଣ୍ଡିଠାରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୋକସରା ପାକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗଙ୍କ ପରିଚାଳନାରେ କୃଷି ସମବାୟ ସମିତି ସଭାପତି ନବୀନ ପୂଝାରୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଆମପାଣି ଯୋନ ହେମନ୍ତ ମାଝି, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ସମିତି ସଭ୍ୟା ଅନୁସୂୟା ମାଝି, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ପୂର୍ବତନ ପାକ୍ସ ସଭାପତି ରାଜେନ୍ଦ୍ର ନାଏକ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝି ଉପସ୍ଥିତ ଥିଲେ। କୃଷକଙ୍କ ପାଇଁ ରହିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବାକୁ ଅଧିକାରୀ ଓ ଜନପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଟେମରା ପାକ୍ସ ସମ୍ପାଦକ ରଞ୍ଜନ ପାଣିଗ୍ରାହୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। କୃଷକ କର୍ମଶାଳାରେ ୫ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

# ରାତ୍ରିକାଳୀନ କ୍ରିକେଟ: ବେଲଗାଁ ଚାମ୍ପିୟନ

**କର୍ଲାମୁଣ୍ଡା,୨୪।୩(ଡି.ଏନ.ଏ.)**



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତି ନିକଟସ୍ଥ ଏକ ପଡିଆରେ ନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ପ୍ରଥମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଥିଲା। ସେମିଫାଇନାଲ ମ୍ୟାଚ ବେଲଗାଁ ଓ ସରଗୁଲ ମଧ୍ୟରେ ହୋଇଥିବା ବେଳେ ବେଲଗାଁ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ କୁଶୁର୍ଲା ଓ ବେଲଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ଓଭରରେ କୁଶୁର୍ଲା ଦଳକୁ ପରାସ୍ତ କରି ବେଲଗାଁ ଦଳ ଚାମ୍ପିୟନ ହୋଇଥିଲା। ବିଜୟୀ ଓ ଉପବିଜୟୀ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, କେସିଙ୍ଗା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଭୋଇ, ପୂର୍ବତନ ସରପଞ୍ଚ ଶଶୀଭୂଷଣ ସାହୁ, ଆଦିବାସୀ ଯୁବ ନେତା ନନ୍ଦି କିଶୋର ଭୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ବିଭୁତି ଭୋଇ, ସମ୍ପାଦକ ସୁଶାନ୍ତ ପଟେଲ, ଅମ୍ପୟାର ହୀରାମଣି ଭୋଇ, ଶଙ୍କର ସାହୁ ଭାରତ ଷଡ଼ଙ୍ଗୀ, ମଧୁ ଦାସ, ବିଜୟ ପଟେଲ, ସ୍କୋର ଦାୟିତ୍ୱ ଲିପୁ ସାହୁ, ଧାରବିବରଣୀ ଆକାଶ ସାହୁ, ହେମନ୍ତ ପଟେଲଙ୍କ ସମେତ ମା' ସନ୍ତୋଷୀ ଟେଣ୍ଟ ହାଉସ କର୍ଲାମୁଣ୍ଡା ଲାଇଟ ସାଉଣ୍ଡ ବ୍ୟବସ୍ଥାରେ ସହଯୋଗ କରିଥିଲେ।

## ବିଶ୍ୱ ଜଳବାୟୁ ଦିବସ, ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୪।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ସାଶିତ ମହାବିଦ୍ୟାଳୟଠାରେ ରସାୟନ ବିଜ୍ଞାନ ପକ୍ଷରୁ ବିଶ୍ୱ ଜଳବାୟୁ ଦିବସ ଓ ସ୍ନାତକ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ରସାୟନ ବିଭାଗ ମୁଖ୍ୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଯୁକ୍ତ ୨ ଇନଚାର୍ଜ ଆଶ୍ୱିନୀ କୁମାର ପାଢୀ, ସମ୍ମାନିତ ଅତିଥି ପଦାର୍ଥ ବିଜ୍ଞାନ ମୁଖ୍ୟ ଚନ୍ଦ୍ରଶେଖର ଚନ୍ଦ୍ରକାର, ଗଣିତ ବିଭାଗ ମୁଖ୍ୟ ହରେକୃଷ୍ଣ ମିଶ୍ର, ଡିନ ଡ ପଦ୍ମଲୋଚନ ବର୍ମା, ଡ ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦାନ କରିଥିଲେ। ଅଧାପିକା ରାଜଲକ୍ଷ୍ମୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଲିପ୍ସା ବାରିକ, ମମତା ଭୋଇ, ଅଧାପକ ରାଜରାମ ମିଶ୍ର, ରୋହିତ କୁମାର ଭିତ୍ରିଆ, ପ୍ରେମାନନ୍ଦ ମେହେର, ଈଶ୍ୱର ଦଣ୍ଡସେନା, ଦୁର୍ଜ୍ୟୋ ତାଣ୍ଡି, ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱ ଜଳ ଦିବସ ଉପଲକ୍ଷେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସ୍ନାତକ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କଠୋର ପରିଶ୍ରମ ଓ ସମାୟାନୁବର୍ତିତା ସହିତ କାର୍ଯ୍ୟ କଲେ ଜୀବନରେ ସଫଳତା ମିଳିବ ବୋଲି ଅତିଥିମାନେ କହିଥିଲେ। ରାଜଲକ୍ଷ୍ମୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ପରେ ଦାଦନ ଖଟୁଛନ୍ତି ସ୍ତ୍ରୀ

**କର୍ଲାମୁଣ୍ଡା,୨୪।୩(ଡି.ଏନ.ଏ.)**

**୩ ସନ୍ତାନ ସହ ଶାଶୁଙ୍କ ବୋଝ ସମ୍ଭାଳୁଛନ୍ତି**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଗ୍ରାମର ବିଧବା ତିଲୋତ୍ତମା ରଣା (୨୮)। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜେ ଦାଦନ ଶ୍ରମିକ ଭାବେ କାମ କରି ତିନି ପିଲାଙ୍କ ସହ ଶାଶୁର ବୋଝ ସମ୍ଭାଳୁଛନ୍ତି। ସୂଚନା ମତେ ବ୍ଲକ ସଦରଠାରୁ ପ୍ରାୟ ୩ କିଲୋମିଟର ଦୂରରେଙ୍ଗାଲି ଗ୍ରାମର ସ୍ୱର୍ଗତ କୁମୁଦ ରଣା ୨୦୧୭ରେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ପରେ ସେହି ଦିନଠୁ ପରିବାର ବୋଝ ଲଦି ହୋଇଛି ସ୍ତ୍ରୀ ତିଲୋତ୍ତମାଙ୍କ ଉପରେ। ତିଲୋତ୍ତମାଙ୍କ ବଡ଼ ଝିଅ କମଳିନୀ (୧୧) ମାମୁଁ ଘର ବଲାଙ୍ଗୀର ଜିଲା କୁସୁମ୍‌ଖାଲଠାରେ ରହି ଚତୁର୍ଥ ଶ୍ରେଣୀ ପାଠ ପଢୁଥିବାବେଳେ ଦ୍ୱିତୀୟ ଝିଅ କାମିନୀ (୭), ସାନ ପୁଅ ଝସକେତନ (୪) ଓ ବିଧବା ବୃଦ୍ଧା ଶାଶୁ ନିରବତୀ ରଣା ପ୍ରମୁଖ ଦାୟିତ୍ୱ ସହ ସ୍ୱାମୀଙ୍କ ଚିକିତ୍ସା ପାଇଁ ଆଣିଥିବା ଧାରକରଜ ସୁଝିବା ଏବେ ତାଙ୍କ ଉପରେ ରହିଛି। ତେବେ ଏ ସମସ୍ତଙ୍କ ଲାଳନ ପାଳନ ପାଇଁ ସରକାରଙ୍କ ପକ୍ଷରୁ ଦୁଇ ଶାଶୁ ବୋହୁଙ୍କ ବିଧବା ଭତ୍ତା ଓ ଟଙ୍କିକିଆ ଚାଉଳ ହିଁ ଏକମାତ୍ର ଭରସା। ପାଞ୍ଚ ପ୍ରାଣୀ କୁଟୁମ୍ବ ଚଳିବା ଓ ଲୋକଙ୍କ ଧାର ଟଙ୍କା ସୁଝିବାକୁ ଯାଇ ତିଲୋତ୍ତମା ଗତ ନଭେମ୍ବରରେ ଛୁଆମାନଙ୍କୁ ବୃଦ୍ଧା ଶାଶୁଙ୍କ ଦାୟିତ୍ୱରେ ଛାଡି ଦାଦନ ଖଟିବାକୁ ବଲାଙ୍ଗୀର ଏକ ଇଟାଭାଟିକୁ ଯାଇଥିଲେ। ଚଳିତ ମାସରେ ଘରକୁ ଫେରିଥିବା ବେଳେ ଆସନ୍ତା ମାସରେ ପୁଣି ଦାଦନ ଖଟିଯିବାକୁ ଯିବା ଥିବା ତିଲୋତ୍ତମା କହିଛନ୍ତି। ଏହି ପରିବାର ତିନି ଛୁଆଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ତିଲୋତ୍ତମା ରଣା ଅନୁରୋଧ କରିଛନ୍ତି।


ବୃଦ୍ଧା ଶାଶୁଙ୍କ ସହ ତିଲୋତ୍ତମା ଓ ୩ ଛୁଆ।

# ବିଶ୍ୱ ନାଟ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୨୪।୩(ଡି.ଏନ.ଏ.)**


ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ସଭାପତତ୍ୱରେ ବିଶ୍ୱ ନାଟ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୭ ତାରିଖରେ ଅନୁଷ୍ଠାନରେ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଦିନ ପୁରୁଣା ନାମୀ କଳାକାରମାନଙ୍କୁ ସମ୍ମାନିତ କରାଯିବ। ତାହା ସହିତ ଏଥର ବାର୍ଷିକ ଉତ୍ସବରେ ନାଟକ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର ହୋଇଛି। ଏହା ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବ। ସ୍ଥାନୀୟ ନାଟ୍ୟ ଦଳ ଓ ଜିଲା ବାହାର ନାଟ୍ୟ ଦଳ ଡକାଯିବ। ଏଥର ଅନୁଷ୍ଠାନ ଏକ ସାମାଜିକ ନାଟକ କରିବ ଓ ସ୍ଥାନୀୟ ମହିଳା କଳାକାରମାନଙ୍କୁ ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକରେ ସହସମ୍ପାଦକ ବିଭୂତି ଭୂଷଣ ବିଶି, କୋଷାଧକ୍ଷ ସୁନିଲ କୁମାର ସାହୁ, ଉପଦେଷ୍ଟା ଡ଼ା ମେଜର ରାମ ଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ସାଂସ୍କୃତିକ ସମ୍ପାଦକ ଅମୁଲ୍ୟ ବାରିକ, ପବିତ୍ର ପ୍ରଧାନ, ସୁକେସ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, ଆଲୋକ ରଥ, ବବି ଖାଁ, ପୀୟୂଷ ପଣ୍ଡା, ଗୋବିନ୍ଦ ପଣ୍ଡା, ଗୌରାଙ୍ଗ ସାହୁ, ଭୋଦେବ ସାହୁ, ବିଜୟ ବାରିକ, ରତ୍ନପର୍ଣ୍ଣା ବଘେଲ, ବିଜୟ ବଘେଲ, ରାଜ କପୁର ବାରିକ, ଡଲୁ କୈବର୍ତ୍ତ, ସୁରେନ୍ଦ୍ର କୁମାର, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଭାପତି ଅଶୋକ, ସମ୍ପାଦକ ହିମାଂଶୁ

**ଜୁନାଗଡ଼ ଓକିଲ ସଂଘ ନିର୍ବାଚନ**


ସଭାପତି ଅଶୋକ


ସମ୍ପାଦକ–ହିମାଂଶୁ।

**ଜୁନାଗଡ଼,୨୪।୩(ଡି.ଏନ.ଏ.)**

ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ପାଇଁ କଳାହାଣ୍ଡଇ ଜିଲା ଜୁନାଗଡ଼ ଓକିଲ ସଂଘର ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଏଥିରେ ଅଶୋକ କୁମାର ପାତ୍ର ସଂଘ ସଭାପତି ଓ ହିମାଂଶୁ ଶେଖର ବରାଡ଼ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରମେଶ ଚନ୍ଦ୍ର ନାଏକ, ସହ ସମ୍ପାଦକ ଭାବେ ଧନେଶର ନାଏକ ଓ ଜୟଦେବ ସୁନାନୀ, ଲାଇବ୍ରେରୀ ସମ୍ପାଦକ ଭାବେ ଅନନ୍ତ ବେହେରା, କୋଷାଧକ୍ଷ କାଳିନ୍ଦ୍ରୀ ଚରଣ ପାଣଗ୍ରାହୀ ପ୍ରମୁଖ ରହିଥିବା ବେଳେ ସଦସ୍ୟ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ନୀଳକଣ୍ଠ ମିଶ୍ର, ଶିଶିର ପଟ୍ଟନାୟକ, କୈଳାଶ ଚନ୍ଦ୍ର ଚୌଧରୀ, ପ୍ରମୋଦ କୁମାର ପୂଝାରୀ, ଜୁଲି ରାଣୀ ନାୟକ, ମିଲପ ଚାନ୍ଦ ଜୈନ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଓକିଲ ମଦନ ମୋହନ ସାହୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ୭୫ ଗାଁ ସହିତ ଯୋଡ଼ି ହେବେ ଗାଁ ମିତ

**ଭବାନୀପାଟଣା,୨୪।୩(ସ୍ୱ.ପ୍ର.)**

- ଚାଲ ଦେଖମା ଆମର କଳାହାଣ୍ଡି ପକ୍ଷରୁ କଳାହାଣ୍ଡି @ ୭୫
- ଖବରଦାତା ସମ୍ମିଳନୀରେ ଦେଲେ ସୂଚନା



ଆୟୋଜିତ ଖବରଦାତା ସମ୍ମିଳନୀ।

କଳାହାଣ୍ଡି ଜିଲା ଗଠନ ହେବାର ୭୫ ବର୍ଷ ଉପଲକ୍ଷେ ଚାଲ ଦେଖମା ଆମର କଳାହାଣ୍ଡି "ଗାଁ ମିତ" କରିବାକୁ ସ୍ଥିର କରିଛି। ଏଥିରେ ଦେଶ ବିଦେଶ ରାଜ୍ୟ ଓ ଜିଲା ଭିତରେ ରହୁଥିବା ୭୫ଜଣ କଳାହାଣ୍ଡିଆ ବୁଦ୍ଧିଜୀବୀ, ଯେଉଁମାନେ ସମାଜର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ କାମ କରିଛନ୍ତି ବା କରୁଛନ୍ତି, ସାମିଲ ହେବେ ଓ ୭୫ଟି କଳାହାଣ୍ଡିର ଗାଁର ମିତ ଭଳି କାମ କରିବେ ବୋଲି ଚାଲ ଦେଖମା ଆମର କଳାହାଣ୍ଡି ଅଧ୍ୟକ୍ଷ ଡ଼. ଜୟଦେବ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଇ ଅଜୟ କୁମାର ପଣ୍ଡା ଓ ଆବାହାକ ଦେବେନ୍ଦ୍ର କୁମାର ବିଶି ଶୁକ୍ରବାର ଭବାନୀପାଟଣାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଗାଁ ମିତମାନେ ଗୋଟିଏ ଗୋଟିଏ କଳାହାଣ୍ଡିର ଗାଁକୁ ଚୟନ କରି ତାର ଗାଇଡ ଭଳି କାର୍ଯ୍ୟ କରିବେ। ଏମାନେ ମୁଖ୍ୟତଃ ଗାଁରେ ଯେଉଁ ସବୁ ସମସ୍ୟା ସରକାରଙ୍କ ଧ୍ୟାନରେ ପଡୁନାହିଁ, ବିଶେଷକରି ସଫ୍ଟପାୱାର ବିକାଶକୁ ଧ୍ୟାନ ଦେବେ। ଗାଁ ଲୋକଙ୍କ ବ୍ୟକ୍ତିଗତ ଓ ପାରିବାରିକ ଲାଭ କିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା କ୍ଷେତ୍ରରେ ବିକାଶ ହେବ ସେଥିପାଇଁ ସୂଚନା ଦେଇ ଓ ସଙ୍ଗଠିତ ଭାବେ ସାହାଯ୍ୟ କରିବେ। ଲୋକଙ୍କ ଭିତରେ ଜୀବିକା, ଚାକିରୀ, କୃଷି ପଦ୍ଧତି, ବୈଷୟିକଜ୍ଞାନ, ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଚ୍ଛତା ଓ କଳାହାଣ୍ଡି ଲୋକ ସଂସ୍କୃତି ଓ ପରମ୍ପରାର ସଚେତନତା ଗାଁ ସ୍ତରରେ ବଢେଇବାରେ ଗାଁ ମିତମାନେ ନିୟୋଜିତ ରହିବେ। ମିତ ଗାଁମାନ କିପରି ଗୋଟିଏ ଆଧୁନିକ ଗାଁ ହୋଇ ପାରିବ ଯେଉଁଥିରେ ଲୋକେ ଉପଯୁକ୍ତ ସୂଚନା, ବୈଷୟିକ ଜ୍ଞାନ ଓ ସ୍ଥାନେ ସ୍ଥାନେ ବୃତ୍ତିଗତ ମାର୍ଗଦର୍ଶନ ପାଇ ନିଜେ ନିଜର ଠିକ ସାହାଯ୍ୟ କରିବା ସହ ଗାଁର ଉନ୍ନତିରେ ସାମିଲ ହୋଇ ପାରିବେ ତାହା ଅବଗତ କରିବେ। ନିଜ ମିତ ଗାଁମାନଙ୍କ ସାମଗ୍ରିକ ବିକାଶ ପାଇଁ ଗାଁ ମିତ ମାନେ ସରକାର, ମିଡ଼ିଆ, ଅଫିସର ଓ ଲୋକଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି ଆଶା ରଖିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପିଡିଏସ୍ ଚାଉଳ ଚୋରି ଘଟଣାରେ ୨ ଗିରଫ: ୨ ଫେରାର

**ତରଭା,୨୪।୩ (ଡି.ଏନ.ଏ. ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ପାଇକବାହାଲ ଗ୍ରାମ ପଞ୍ଚାୟତ ଗୋଦାମ ଗୃହରୁ ଚାଉଳ ଚୋରି କରୁଥିବା ଚୋରମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ବେଳେ ୨ ଜଣ ଫେରାର ଅଛନ୍ତି। ଶୁକ୍ରବାର ତରଭା ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଏହି ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ୨୩ ତାରିଖ ଭୋର ସମୟରେ ପଞ୍ଚାୟତ ଗୋଦାମ ଗୃହରୁ ଚାଉଳ ଚୋରି ହେଉଥିବା ଖବର ପାଇ ସରପଞ୍ଚ ଗଣନାଥ ସାହୁ ଗ୍ରାମବାସୀଙ୍କ ସହିତ ପଞ୍ଚାୟତ କୁ ଯାଇଥିଲେ । ଏମାନଙ୍କୁ ଦେଖି ଚୋରମାନେ ଦୌଡ଼ି ପଳାଉ ଥିବା ବେଳେ ଗ୍ରାମବାସୀ ସେମାନଙ୍କ ମଧ୍ୟରୁ ଗଙ୍ଗାଧର ଦେହେରଙ୍କୁ କାବୁ କରିଥିଲେ । ବାକି ୩ ଜଣ ଫେରାର ହୋଇ ଯାଇଥିଲେ। ଏ ନେଇ ସରପଞ୍ଚ ସାହୁ ୪ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ସେମାନଙ୍କ ମଧ୍ୟରୁ ନାରାୟଣ ବାଘ(୪୩) ଓ ଗଙ୍ଗାଧର ଦେହେରି (୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ନୀଳାଞ୍ଚଳ କର୍ଣ୍ଣ ଓ ଚୈତନ୍ୟ ପୁରୋହିତ ଫେରାର ଥିବା ସୂଚନା ଦେଇଛନ୍ତି ।

### ମହାବିଦ୍ୟାଳୟର ସର୍ବେକ୍ଷଣ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୪।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଡିଗ୍ରୀ ଆଦର୍ଶ ମହାବିଦ୍ୟାଳୟର ନୃତତ୍ତ୍ୱ ଓ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ମିଳିତ ଭାବେ ନେହେନା ପାଞ୍ଚୟତ ତୋଲି ଗ୍ରାମଠାରେ ସାତ ଦିନିଆ ଗବେଷଣା ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ମୁଖ୍ୟଅତିଥି ଆଦର୍ଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ଯୋଗଦେଇ ଗବେଷଣା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ ଶିବ କୁମାର, ଅଧ୍ୟାପକ ପରମାନନ୍ଦ ପାନ, ଶିବ ବାବୁ, ରତ୍ନାକର ପଳେଇ, ପ୍ରିୟଙ୍କା କମପାଳ, ସୌମ୍ୟ ରଞ୍ଜନ ସିଂ, ଆଦର୍ଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମାଜ ଶାସ୍ତ୍ର ମୁଖ୍ୟ ସୁରେନ୍ଦ୍ର କୁଲେଟ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରୁପ୍ରାରୋଡ୍,୨୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସାରଙ୍ଗ ବହିଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରିଆଁ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି, ନୋଡାଲ ପ୍ରଧାନ ଶିକ୍ଷକ ଟଙ୍କଧର ସାହା, ନର୍ଲା ବ୍ଲକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ସମେତ ବିଦାୟୀ ଶିକ୍ଷକ ବହିଦାର ମଞ୍ଚାସୀନ ଥିଲେ। ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ବେହେରା, ଦୟାନିଧି ପଧାନ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଅତୀତର ସ୍ମୃତିଚାରଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କ୍ଷୀରସିନ୍ଧୁ ବାଗ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ହିନ୍ଦୁ ନବବର୍ଷ ପାଳିତ

**ବୋଡେନ,୨୪।୩(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବୋଡେନ ସରସଂଘ ଚାଳକ ଗଜରାଜ ବୈଠାରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୟାଧର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଶୋଜନେଶ୍ୱର ମଲ୍ଲିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ରୋହିତ କୁମାର ଦଣ୍ଡସେନା, ଧନିକର ଜଗତ, ଟିକେଶ୍ୱର ନାଗ, ଧର୍ମେନ୍ଦ୍ର ନାଏକ ପ୍ରମୁଖ ସ୍ୱୟଂ ସେବକ ଉପସ୍ଥିତ ଥିବା ବେଳେ ମୁଖ୍ୟ ପ୍ରଶିକ୍ଷକ ପ୍ରସାନନ୍ଦ କୁମ୍ଭାର ଓ ପ୍ରାର୍ଥନା ପ୍ରମୁଖ ତ୍ରିନାଥ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରନ ହଂସ, ହେରମ୍ବ ତାଣ୍ଡି, ଶୁଭଲକ୍ଷ୍ମୀ ସାହୁ, ଅନ୍ନପୂର୍ଣ୍ଣା ମାଝି, ସସ୍ମିତା ପଟ୍ଟନାୟକ ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଓ ସ୍ୱୟଂସେବକ ଯୋଗଦାନ କରିଥିଲେ।

# ୨ ଲୁଟେରା ଗିରଫ: ଦେଢ଼ ଲକ୍ଷ ଟଙ୍କା, ବାଇକ୍ ଜବତ

**ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ ଘଟଣା**
- ସିସି ଟିଭିରୁ ମିଳିଲା ସୁରାକ୍
- ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ୍ କରାଯିବ

**ସୋନପୁର,୨୪।୩(ନି.ପ୍ର.)**


ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୁବର୍ଣ୍ଣପୁର ଜିଲା ସୋନପୁର ସହର ଉପକଣ୍ଠ ବାଇଗଣଜୁରିଠାରେ ଗତ ୬ ତାରିଖରେ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିଲା । ଲଛିପୁର ଥାନା ଖଲିଆପାଲି ଅଞ୍ଚଳର ରୋହନ କୁମାର ସାହୁ ବାଇକ୍ ରଖି ଦୋକାନକୁ ପାଣି ବୋତଲ କିଣିବାକୁ ଯାଇଥିବା ସମୟରେ ଅଭିଯୁକ୍ତମାନେ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ସୋନପୁର ପୋଲିସ ଗଞ୍ଜାମ ଜିଲା ଆସ୍କା ଥାନା ପାକଲାପାଲି ଗ୍ରାମରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆକାଶ ଦାସ(୩୨) ଓ ରଞ୍ଜିତ ରାଓ(୩୮)। ଉଭୟଙ୍କ ନିକଟରୁ ଦେଢ ଲକ୍ଷ ଲୁଟ୍ ଟଙ୍କା ପୋଲିସ ଉଦ୍ଧାର କରିଛି। ସେହିଭଳି ଅଭିଯୁକ୍ତଙ୍କ ନିକଟରୁ ଏକ ହୁଣ୍ଡା ୟୁନିକନ୍ ବାଇକ୍ (ନଂ ଓଡି୦୨ଏଏସ-୬୯୨୧) ଜବତ କରାଯାଇଛି । ଆକାଶ ଓ ରଞ୍ଜିତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କର ଖୁବ୍‌ଶୀଘ୍ର ଟିଆଇ ପ୍ୟାରେଡ୍ କରାଯିବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବିଭିନ୍ନ ବ୍ୟାଙ୍କକୁ ଯାଇ ନଗଦ ଟଙ୍କା ଉଠାଉଥିବା ଲୋକଙ୍କ ପିଛା କରନ୍ତି। ସୁଯୋଗ ପାଇଲେ ଡିକି ଭାଙ୍ଗି ଟଙ୍କା ଲୁଟ୍ କରନ୍ତି ବୋଲି ଏସ୍‌ପି କହିଛନ୍ତି।

ରୋହନ ଗତ ୬ ତାରିଖ ଅପରାହ୍ନରେ ବ୍ୟାଙ୍କ୍ ଅଫ ବରୋଦା ସୋନପୁର ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇଥିଲେ। ଟଙ୍କା ବଣ୍ଡଲକୁ ବାଇକ୍ ଡିକିରେ ରଖି ନିଜ ଗାଁ ଅଭିମୁଖେ ଯାଉଥିଲେ। ତେବେ ଶୋଷ ଲାଗିବାରୁ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ପାଣି ବୋତଲ କିଣିବା ପାଇଁ ଦୋକାନକୁ ଯାଇଥିଲେ। ଏହି ସମୟରେ ବ୍ୟାଙ୍କ୍ ନିକଟରୁ ପିଛା କରୁଥିବା ଆକାଶ ଓ ରଞ୍ଜିତ ଡିକି ଭାଙ୍ଗି ସବୁତକ ଟଙ୍କା ନେଇ ଫେରାର ମାରିଥିଲେ। ଏ ସମ୍ପର୍କରେ ରୋହନ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋନପୁର ଥାନାରେ ୫୪/୨୩ ମୂଳେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ଜାରି ରଖିଥିଲା। ତେବେ ସ୍ଥାନୀୟ ଏକ ହୋଟେଲର ସିସିଟିଭିକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଓ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ।

# ଛତିଶଗଡ଼କୁ ଗଞ୍ଜେଇ ଚୋରାଚାଲାଣ


ଜବତ ଗଞ୍ଜେଇ, କାର ଓ ଗିରଫ ଅଭିଯୁକ୍ତ।

**୬୦ କିଲୋ ଗଞ୍ଜେଇ, କାର୍ ଜବତ: ଜଣେ ଗିରଫ**

**ସୋନପୁର,୨୪।୩(ନି.ପ୍ର.)**

ଅବକାରୀ ବିଭାଗର ସୁବର୍ଣ୍ଣପୁର ଜିଲା ମୋବାଇଲ ଟିମ୍ ଓ ସୋନପୁର ସଦର ଅବକାରୀ ଟିମ୍ ଶୁକ୍ରବାର ସହରର ବୁଢାରାଜା ଛକଠାରେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ଉପରେ ମିଳିତ ଭାବରେ ଚଢାଉ କରିଛି। କାରରେ ଛତିଶଗଡକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ଉତ୍ତମ ଶ୍ରୀୱାସ(୩୧)ଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି। ଉତ୍ତମଙ୍କ ଘର ଛତିଶଗଡର ରାୟଗଡ ଜିଲା ଲୋଇଲୁଙ୍ଗା ଥାନା ଟାଙ୍ଗଣଯୋର ଅଞ୍ଚଳରେ। ସେ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରୁ ଗଞ୍ଜେଇ କିଣି ଏକ କାର (ନଂ ଓଡି୧୫ଏଫ-୨୩୧୨)ରେ ଛତିଶଗଡକୁ ଚାଲାଣ କରୁଥିଲେ। କାର ତନଖି ପରେ ୨ଟି ଜରି ବସ୍ତାରେ ଥିବା ୬୦ କିଲୋ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ବିଭାଗ ପକ୍ଷରୁ କାରକୁ ଜବତ କରାଯିବା ସହ ଉତ୍ତମଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ ସା, ରାଧାକାନ୍ତ ଭୋଇ, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର, ବଳବୀର ଗଡନାୟକ ଓ କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ।

# ଅଲଟ୍ରା ସାଉଣ୍ଡ କେନ୍ଦ୍ରରେ ସିସିଟିଭି ଲାଗିବ


ବୈଠକରେ ଜିଲାପାଳ ଓ କମିଟିର ସଦସ୍ୟ ବୃନ୍ଦ।

**ପିସିଏଣ୍ଡପିଏନଡିଟି ଉପଦେଷ୍ଟା କମିଟି ବୈଠକ**

**ସୋନପୁର,୨୪।୩(ନି. ପ୍ର )**

ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାରେ କନ୍ୟା ଶିଶୁ ଜନ୍ମ ହାର ପ୍ରାୟତଃ କମି କମି ଯାଉଥିବାରୁ ଜିଲାପାଳ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ସଦସ୍ୟା ସଦସ୍ୟଙ୍କ ମତାମତ ଲୋଡିଥିଲେ। ଆଲୋଚନା ପରେ ଜିଲାରେ ଥିବା ସମସ୍ତ ଅଲଟ୍ରା ସାଉଣ୍ଡ କେନ୍ଦ୍ରରେ ରୋଗୀଙ୍କ ଯିବା ଆସିବା ତଥ୍ୟକୁ ସୁନିଶ୍ଚିତ କରିବା ନିମନ୍ତେ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ସିସିଟିଭି କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଅଲଟ୍ରା ସାଉଣ୍ଡ କ୍ଲିନିକଗୁଡିକରେ ପରିଚାଳନା ଓ ରୋଗୀଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ବିବରଣୀ ସମ୍ମିଳିତ ଫର୍ମ ଏଫକୁ ନିଶ୍ଚିତ କରିବା ଉପରେ ସମସ୍ତ କେନ୍ଦ୍ର ସତ୍ତ୍ୱାଧିକାରୀ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ବିଶ୍ୱରଞ୍ଜନ ପତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶୋଭନା ଦାଶ ଗତ ବୈଠକର ନିଷ୍ପତ୍ତି କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ। ଏଡିପିଏଚଓ ଦୈତ୍ୟନାରାୟଣ ପାଢ଼ୀ, ଡିପିଏଚଓ ଡ଼ ମନୋଜ କୁମାର ଅଦାବର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ ପ୍ରକାଶ କୁମାର ଦଣ୍ଡସେନା, ଅବସରପ୍ରାପ୍ତ ସିଡିଏମଓ ଡ଼ ଶାନ୍ତି ମଞ୍ଜରୀ ମିଶ୍ର, ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଡିପିଏମ ବିଶ୍ୱମ୍ଭର ବେହେରା, ହସ୍ପିଟାଲ ମ୍ୟାନେଜର ଦେବସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମହଦା ସ୍କୁଲରେ ସୁରକ୍ଷା ସଚେତନତା ସଭା

**ବିନିକା,୨୪।୩ ( ଡି.ଏନ.ଏ. )**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭୀମସେନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତସ୍ତରୀୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। ସରପଞ୍ଚ ସିଂଦେଓ କହିଥିଲେ ,ଗତ ୨୨ ତାରିଖ ଦିନ ସୋନପୁର ବ୍ଲକ ଶରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଜଣ ଛାତ୍ରଙ୍କ କାର ଧକ୍କାରେ ମୃତ୍ୟୁ ଘଟିଥିଲା । ସେଥିପାଇଁ ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସିଲା ପରେ ୧୦ଟାରୁ ସ୍କୁଲ ଫାଟକ ବନ୍ଦ କରାଯିବ । ଏହାସହ ଛୁଟି ସମୟରେ ଅଭିଭାବକମାନେ ସ୍କୁଲ ଫାଟକ ନିକଟରେ ଥାଇ ଛାତ୍ରୀଛାତ୍ରଙ୍କୁ ନେବା ପାଇଁ କହିଥିଲେ। ଏ ନେଇ ସ୍କୁଲର ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକମାନଙ୍କୁ ସଚେତନ କରାଯାଇଥିଲା । ଏହାସହ ଅଙ୍ଗନବାଡି କର୍ମୀମାନଙ୍କୁ ମଧ୍ୟ ଛୋଟଛୋଟ ଶିଶୁମାନଙ୍କୁ ନେବା ଆଣିବାରେ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ବୈଠକରେ ମହଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ କର୍ଣ୍ଣ, ଟୈକାମାଲ ସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ନାଏକ, ସିଆଲି ସ୍କୁଲ ପ୍ରଧାନଶିକ୍ଷକ ବ୍ୟାସଦେବ କଅଁର, ବାବୁପାଲି ସ୍କୁଲର ପ୍ରଧାନଶିକ୍ଷକ ବୃହସ୍ପତି ଧରୁଆ, ମହଦା ସ୍କୁଲ ପରିଚାଳନା କମିଟିର ସଭାପତି ସୁରଥ ପଧାନଙ୍କ ସମେତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରକ୍ସା ପୋଲ ନିକଟରୁ ଗଞ୍ଜେଇ ଜବତ: ଯୁବକ ଗିରଫ

**ଅମରପାଲି, ୨୪।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବୀରମହାରାଜପୁର-ସମ୍ବଲପୁର ରାସ୍ତାର ରକ୍ସା ନିକଟସ୍ଥ କୁଲଥିଯୋର ପୋଲ ନିକଟରୁ ଗୁରୁବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ କର୍ମଚାରୀମାନେ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛନ୍ତି। ଗିରଫ ଯୁବକ ଜଣକ ହେଲେ ରକ୍ସା ଗ୍ରାମର ତହସିଲ ମହାନନ୍ଦ(୨୭)। ତାଙ୍କ ଠାରୁ ୩ କିଗ୍ରା ୨ଶହ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି।

ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବୀରମହାରାଜପୁର ଅବକାରୀ ଇନ୍ସପେକ୍ଟର ଏସ. ହେମ୍ବ୍ରମଙ୍କ ନେତୃତ୍ୱରେ ଅବକାରୀ ଟିମ୍ ରକ୍ସା ପୋଲ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବାଇକ୍ ଚାଳକଙ୍କୁ ସନ୍ଦେହରେ ଅଟକାଇ ଥିଲେ। ଯାଞ୍ଚ କରିବା ସମୟରେ ତାଙ୍କ ବାଇକ୍‌ରୁ ଏହି ଗଞ୍ଜେଇ ପାଇଥିଲେ। ଗଞ୍ଜେଇ ସହିତ ସମ୍ପୃକ୍ତ ଯୁବକଙ୍କ ବାଇକ୍‌କୁ ଜବତ କରାଯାଇଛି। ଏନେଇ ବୀରମହାରାଜପୁର ଅବକାରୀ ବିଭାଗ ତରଫରୁ ଏକ ମାମଲା (ନଂ ୯୨/୨୩ ) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଏସଡିଜେଏମ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଚଢାଉ ସମୟରେ ବୀରମହାରାଜପୁର ଅବକାରୀ ଏସଆଇଙ୍କ ସହ ଏଏସଆଇ ଚିତ୍ତରଞ୍ଜନ ଦାସ, କନଷ୍ଟେବଳ ଗୋପାଳ ଝାଙ୍କର, ସୀତାରାମ ପଧାନ ପ୍ରମୁଖ ସାମିଲ ଥିଲେ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ବିଶ୍ୱ ଯକ୍ଷ୍ମା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବୌଦ୍ଧ,୨୪।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ବିକେ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନ ଯୋଗଦେଇ ୨୦୨୫ ସୁଦ୍ଧା ଯକ୍ଷ୍ମାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଂଘମିତ୍ରା ପାଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ପ୍ରଧାନ ଯୋଗଦେଇ ସଚେତନତା ବୃଦ୍ଧି ହେଲେ ଯକ୍ଷ୍ମା ରୋଗର ଦୂର କରାଯାଇ ପାରିବ ବୋଲି କହିଥିଲେ ।

# ବିଶ୍ୱ ନାଟ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୨୪।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ସଭାପତିତ୍ୱରେ ବିଶ୍ୱ ନାଟ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୭ ତାରିଖରେ ଅନୁଷ୍ଠାନରେ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଦିନ ପୁରୁଣା ନାମୀ କଳାକାରମାନଙ୍କୁ ସମ୍ମାନିତ କରାଯିବ। ତାହା ସହିତ ଏଥର ବାର୍ଷିକ ଉତ୍ସବରେ ନାଟକ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର ହୋଇଛି। ଏହା ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବ। ସ୍ଥାନୀୟ ନାଟ୍ୟ ଦଳ ଓ ଜିଲା ବାହାର ନାଟ୍ୟ ଦଳ ଡକାଯିବ। ଏଥର ଅନୁଷ୍ଠାନ ଏକ ସାମାଜିକ ନାଟକ କରିବ ଓ ସ୍ଥାନୀୟ ମହିଳା କଳାକାରମାନଙ୍କୁ ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକରେ ସହସମ୍ପାଦକ ବିଭୂତି ଭୂଷଣ ବିଶି, କୋଷାଧ୍ୟକ୍ଷ ସୁନିଲ କୁମାର ସାହୁ, ଉପଦେଷ୍ଟା ଡ଼ା ମେଜର ରାମ ଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ସାଂସ୍କୃତିକ ସମ୍ପାଦକ ଅମୂଲ୍ୟ ବାରିକ, ପବିତ୍ର ପ୍ରଧାନ, ସୁକେସ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, ଆଲୋକ ରଥ, ବବି ଖାଁ, ପୀୟୂଷ ପଣ୍ଡା, ଗୋବିନ୍ଦ ପଣ୍ଡା, ଗୌରାଙ୍ଗ ସାହୁ, ଭୋଦେବ ସାହୁ, ବିଜୟ ବାରିକ, ରତୁପର୍ଣ୍ଣା ବଘେଲ, ବିଜୟ ବଘେଲ, ରାଜ କପୁର ବାରିକ, ଡଲୁ କୈବର୍ତ୍ତ, ସୁରେନ୍ଦ୍ର କୁମାର, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକଳା, ଶିଳ୍ପୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର


ଚିତ୍ରକଳା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୌଦ୍ଧ,୨୪।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ଚିତ୍ରକଳା, ଶିଳ୍ପୀ ସଂଘ ପକ୍ଷରୁ ୧୧ ଦଫା ଦାବିନେଇ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରଙ୍ଗତୁଳି କାରିଗରଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ କରିବା, ବର୍ଷସାରା କାର୍ଯ୍ୟ ସୃଷ୍ଟି କରିବା, ଠିକ ପାରିଶ୍ରମିକ ପ୍ରଦାନ, ଠିକାଦାରୀ ପ୍ରଥା ବନ୍ଦ ଆଦି ୧୧ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ଜିଲା ସଭାପତି ଅନିଲ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ନୂଆଁସାହି ସ୍ଥିତ ଗେହ୍ଲା ମା ମନ୍ଦିର ଠାରେ ଏକ ସଭା ହୋଇଥିଲା। ସେଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଆଲ୍ଲାଦିନ ଠାକୁର, ଉପସଭାପତି ନାରଦ ସେଠୀ, ସୁନିଲ ନାୟକ, ଗୌରହରି ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

# ୨୨୮ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

**ସୋନପୁର,୨୪।୩(ନି.ପ୍ର.)**


ଯୋଗାଣ ବିଭାଗର ଅଧିକାରୀମାନେ ଚଢାଉ କରି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି।

- ଲାତୁରପେଟ୍‌ରେ ଯୋଗାଣ ବିଭାଗର ଚଢ଼ାଉ
- ବେଆଇନ ଭାବେ ଜନବସତି ଅଞ୍ଚଳରେ ମହଜୁଦ ରଖିଥିଲେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲାତୁରପେଟସ୍ଥିତ ରୁଦ୍ର ମହାକୁଡଙ୍କ ବାସଭବନରେ ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇଛି। ରୁଦ୍ର ନିଜ ବାସଭବନରେ ବେଆଇନ ଭାବରେ ବିପୁଳ ପରିମାଣର ଗ୍ୟାସ ସିଲିଣ୍ଡର ମହଜୁଦ ରଖି ଦୀର୍ଘ ବର୍ଷ ଧରି ବ୍ୟବସାୟ ଚଳାଇ ଆସୁଥିଲେ। ଏହି ଅଭିଯୋଗ ମିଳିବା ପରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ ହୋଇଥିଲା। ତେବେ ଚଢାଉ ସମୟରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ(ଏଚ୍‌ପି) କମ୍ପାନୀର ବିପୁଳ ପରିମାଣର ସବ୍‌ସିଡିଯୁକ୍ତ ରନ୍ଧନ ଗ୍ୟାସ ସିଲିଣ୍ଡର ଦେଖି ଯୋଗାଣ ବିଭାଗର ଅଧିକାରୀ ମାନେ ତାଜୁବ୍ ହୋଇ ଯାଇଥିଲେ। ରୁଦ୍ରଙ୍କ ବାସଭବନରୁ ୬୫ଟି ଖାଲି ସିଲିଣ୍ଡର ଓ ୧୬୩ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ମୋଟ ୨୨୮ଟି ସିଲିଣ୍ଡର ଠାବ କରା ଯାଇଥିଲା। ବିଭାଗ ପକ୍ଷରୁ ସମସ୍ତ ସିଲିଣ୍ଡର ଜବତ କରାଯାଇ କେନ୍ଝିରିଆପାଲିସ୍ଥିତ ଏଚ୍‌ପି କମ୍ପାନୀର ଏଜେନ୍ସିଙ୍କ ଜିମା ଦିଆଯାଇଛି। ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଯୋଗାଣ ବିଭାଗ ଜିଲାପାଳଙ୍କ ଜରିଆରେ ଏଚ୍‌ପି କମ୍ପାନୀକୁ ଅବଗତ କରିବ। ଆଇନ ଅନୁଯାୟୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁବର୍ଣ୍ଣପୁର ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଜନବସତି ବାହାରେ ଗ୍ୟାସ ସିଲିଣ୍ଡର ରଖିବା ନିୟମ ଥିବା ବେଳେ ରୁଦ୍ର କେଉଁ କ୍ଷମତା ବଳରେ ନିଜ ବାସଭବନରେ ରଖି ବ୍ୟବସାୟ ଚଳାଇଥିଲେ। ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବିଭାଗ କିଭଳି ଚୁପ୍ ରହିଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ବୀରମହାରାଜପୁର ଯୋଗାଣ ନିରୀକ୍ଷକ ପିଙ୍କୁ ଭୋଇ, ସୋନପୁର ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ଓ ଉଲୁଣ୍ଡା ଯୋଗାଣ ନିରୀକ୍ଷକ ରାଜକିଶୋର ନାୟକ ଏହି ଚଢାଉରେ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ମାର୍ଚ୍ଚ ୨୦୨୩



# କ୍ୱାର୍ଟର୍ସ ନିର୍ମାଣ ନେଇ ପ୍ରଶାସନ ଜନତା ମୁହାଁମୁହିଁ

## ଜିଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼,୨୪।୩(ଡି.ଏନ.ଏ.)

ଦିନକୁ ଦିନ ସୁନ୍ଦରଗଡ଼ ସହରରେ ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ ରାସ୍ତାଘାଟ ଓ ଛକ ସ୍ଥାନଗୁଡିକରେ ଟ୍ରାଫିକ ସମସ୍ୟା ମଧ୍ୟ ଜଟିଳ ହେବାକୁ ଲାଗିଲାଣି। ଦୋକାନ ବଜାର ବଢିଚାଲିଥିବାବେଳେ ପୂଜା ପାର୍ବଣ ସମୟରେ ଅଣଓସାରିଆ ରାସ୍ତାଘାଟ ଓ ସଙ୍କୁଚିତ ଛକ ସ୍ଥାନଗୁଡିକରେ ପରିସ୍ଥିତି ଅଧିକ ଜଟିଳ ହେଉଛି। ଫଳରେ ପୁରୁଣା ବସଷ୍ଟାଣ୍ଡ ଛକ ନିକଟରେ ନିର୍ମାଣାଧୀନ ଏକ ସରକାରୀ କ୍ୱାର୍ଟର୍ସକୁ ନେଇ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ଅବସ୍ଥା ହେବା ଦେଖାଯାଇଛି। ପୁରୁଣା ବସଷ୍ଟାଣ୍ଡ ପାଲ ହୋଟେଲ ସାମ୍ନାରେ ଅତିରିକ୍ତ ଜିଲାପାଳଙ୍କ ଦ୍ୱିତୀୟ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ବିରୋଧ କରିଛନ୍ତି। ଏହାକୁ ନେଇ ବିଗତ କିଛିଦିନ ହେବ ସ୍ଥାନୀୟ ବାସିନ୍ଦା ଓ ପ୍ରଶାସନ ମୁହାଁମୁହିଁ ଅବସ୍ଥାକୁ ଆସିଥିବାବେଳେ ଏହି କିସମ ନଜୁଲ ଥିବା ଓ କିଛିଦିନ ଆଗରୁ ଏହାର କିସମକୁ ଘରବାରି କରାଯାଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରି ଏହାର ନିର୍ମାଣ କାର୍ଯ୍ୟକୁ ଶୁକ୍ରବାର ବନ୍ଦକରି ଏନେଇ ଏକ ପ୍ରତିନିଧି ଦଳ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ନିର୍ମାଣାଧୀନ ଜାଗାଟି ପୁରୁଣା ବସଷ୍ଟାଣ୍ଡ ଛକ ସାମ୍ନାରେ ଥିବାରୁ ଏହି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଗଲେ ସ୍ଥାନୀୟ ବେକାର ଯୁବକମାନେ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଇ ପାରନ୍ତେ। ଏହି ଦାବି ନେଇ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳର ଜନସାଧାରଣ ଜିଲାପାଳଙ୍କ ସମେତ ପୌରାଧ୍ୟକ୍ଷା, ଉପପୌରାଧ୍ୟକ୍ଷଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରି କୌଣସି ପ୍ରକାରେ ଏହି ସ୍ଥାନରେ ସରକାରୀ କ୍ୱାର୍ଟର୍ସ ତିଆରି କରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଓ ସ୍ଥାନୀୟ କାଉନସିଲରମାନେ ନିର୍ମାଣଧୀନ ସ୍ଥାନପରିଦର୍ଶନକରିସ୍ଥାନୀୟଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି।


ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ନିର୍ମାଣାଧୀନ ସ୍ଥାନ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମହାବିଦ୍ୟାଳୟର ସର୍ବେକ୍ଷଣ କାର୍ଯ୍ୟକ୍ରମ

ଖଡ଼ିଆଲ,୨୪।୩(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ଡିଗ୍ରୀ ଆଦର୍ଶ ମହାବିଦ୍ୟାଳୟର ନୃତତ୍ତ୍ୱ ଓ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ମିଳିତ ଭାବେ ନେହେନା ପାଞ୍ଚୟତ ତୋଲି ଗ୍ରାମଠାରେ ସାତ ଦିନିଆ ଗବେଷଣା ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ମୁଖ୍ୟଅତିଥି ଆଦର୍ଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ଯୋଗଦେଇ ଗବେଷଣା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ ଶିବ କୁମାର, ଅଧ୍ୟାପକ ପରମାନନ୍ଦ ପାନ, ଶିବ ବାବୁ, ରତ୍ନାକର ପଲେଇ, ପ୍ରିୟଙ୍କା କମପାଲ, ସୌମ୍ୟ ରଞ୍ଜନ ସିଂ, ଆଦର୍ଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମାଜ ଶାସ୍ତ୍ର ମୁଖ୍ୟ ସୁରେନ୍ଦ୍ର କୁଲେଟ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରୁପ୍ରାରୋଡ୍,୨୪।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସାରଙ୍ଗ ବହିଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରିଆଁ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି, ନୋଡାଲ ପ୍ରଧାନ ଶିକ୍ଷକ ଟଙ୍କଧର ସାହା, ନର୍ଲା ବ୍ଲକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ସମେତ ବିଦାୟୀ ଶିକ୍ଷକ ବହିଦାର ମଞ୍ଚାସୀନ ଥିଲେ। ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ବେହେରା, ଦୟାନିଧି ପଧାନ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଅତୀତର ସ୍ମୃତିଚାରଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କ୍ଷୀରସିନ୍ଧୁ ବାଗ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଭତ୍ତା ବାଣ୍ଟିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ



କୋକସରା,୨୪।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କନ୍ଦାବୁଟୁରା ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ କନ୍ଦାବୁଟୁରା ପଞ୍ଚାୟତର ଦୁଇ ଗ୍ରାମ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ବିବାଦକୁ ନେଇ ତୁନଗାଁ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ସମୁଦାୟ ୧୧ଟି ୱାର୍ଡ଼ ମଧ୍ୟରୁ ୫ଟି ୱାର୍ଡ଼ରେ ନିର୍ବାଚନ ହୋଇଥିଲା। ୫ଟି ୱାର୍ଡ଼କୁ ନେଇ ନିର୍ବାଚିତ ସରପଞ୍ଚ ଥିଲେ ମଧ୍ୟ କୋରମ ଅଭାବରୁ କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କୁ ଗତ ଫେବୃୟାରୀ ୨୭ ତାରିଖଠାରୁ ସାମୟିକ ରୂପେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ। ସରପଞ୍ଚ ଦାୟିତ୍ୱ ନେବା ପରେ ଅଧିକାରୀ ଶୁକ୍ରବାର କନ୍ଦାବୁଟୁରା ପଞ୍ଚାୟତର କନ୍ଦାବୁଟୁରା ଓ ତୁନଗାଁରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି।

## ଯକ୍ଷ୍ମାମୁକ୍ତ ଭାରତ ଗଠନ ଉପରେ ଗୁରୁତ୍ୱାରୋପ

### ଦେବଗଡ଼ରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ଦେବଗଡ଼, ୨୪।୩(ଡି.ଏନ.ଏ.)

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡାକ୍ତର ପ୍ରଭାତ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସାଧନା ଦାଶ ଟିବିର ରୋଗର ନିରାକରଣ ସମେତ ଟିବି ମୁକ୍ତ ଭାରତ ଗଠନ ନିମନ୍ତେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ବିକେ ମାହାଲି ଉପସ୍ଥିତ ରହି ଟିବି ରୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିବି ଚାମ୍ପିୟନ, ପଞ୍ଚାୟତରାଜ ପ୍ରତିନିଧି, ଯୁବ ଗୋଷ୍ଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଏବଂ ଜିଲାର ବହୁ ବୈଦ୍ୟ ଉପସ୍ଥିତ ଥିଲେ । ଏହି ଦିବସ ପାଳନ ନିମନ୍ତେ ପୂର୍ବାହ୍ନରେ ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଟିବି ମୁକ୍ତ ଭାରତ ଲକ୍ଷ୍ୟ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପିରାମଲ ସ୍ୱାସ୍ଥ୍ୟ ବିଭାଗର ଜିଲା କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ସାହୁଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ରୋଷେଇ ପ୍ରତିଯୋଗିତା

## ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଉପଲକ୍ଷେ

ସୁନ୍ଦରଗଡ଼, ୨୪।୩(ଡି.ଏନ.ଏ.)

ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଉପଲକ୍ଷେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ରଠାରେ ଏକ ମିଲେଟ ଉତ୍ପାଦର ଜିଲାସ୍ତରୀୟ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ମଧ୍ୟରେ ମିଲେଟ ଉତ୍ପାଦଗୁଡ଼ିକର ପୌଷ୍ଟିକତତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆଶା କର୍ମୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାର ମିଲେଟ ଉତ୍ପାଦ ଦ୍ୱାରା ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ଓ ପାନୀୟ ପ୍ରସ୍ତୁତ କରିଥିଲେ।

ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଡା. ମିଶ୍ର ମିଲେଟର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗୀ ଆଶା କର୍ମୀମାନେ ନିଜ ଅଞ୍ଚଳରେ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହା ଛଡା ପ୍ରତ୍ୟେକେ ଏହାକୁ ନିଜ ଖାଦ୍ୟ ଦୈନନ୍ଦିନ ଖାଦ୍ୟପେୟରେ ସାମିଲ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଅବସରରେ ଜିଲାରେ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା ଆଦି ଆୟୋଜନ କରାଯିବାର ମଧ୍ୟ ଯୋଜନା ରହିଛି ବୋଲି ଜିଲା ମିଲେଟ ମିଶନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ମିଲେଟ ମିଶନର ଜିଲା ସଂଯୋଜକ ନିକିତା ମହାପାତ୍ର, ଅରବିନ୍ଦ ମାଝୀ, ପୁଷ୍ଟି ପୁନର୍ବାସ କେନ୍ଦ୍ରର ପୁଷ୍ଟି କାଉନସିଲର, ଜିଲା କୃଷି କାର୍ଯ୍ୟାଳୟର ଅଧିକାରୀ, ନର୍ସିଂ ଷ୍ଟାଫ ଉପସ୍ଥିତ ଥିଲେ।


ଅତିଥିମାନେ ପୁଷ୍ଟିକର ଖାଦ୍ୟ ବୁଲିଦେଖୁଛନ୍ତି।

# ଜାତୀୟ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମୂଲ୍ୟାଙ୍କନ ଶିବିର

କୁଆଁରମୁଣ୍ଡା,୨୪।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କାଦୋବାହାଲ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବୁଧବାର ଓ ଗୁରୁବାର ୨ ଦିନିଆ ଜାତୀୟ ସେବାର ଗୁଣାତ୍ମକ ମୂଲ୍ୟାଙ୍କନ ବିଷୟରେ ୨ ଦିନିଆ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଏମଡି ମୁରଥୁଜା ଭାଲି ଓ ଡା.ବାଲାଜୀ ଜେ ଯୋଗଦେଇ କାଦୋବାହାଲ ଏଚଡବ୍ଲୁସି ଓ କୁଆଁରମୁଣ୍ଡା ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଚାଲିଥିବା ସମସ୍ତ ବିଭାଗର ନଥିପତ୍ର ଓ ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ଉପରେ ଯାଞ୍ଚ ଓ ଅନୁଧ୍ୟାନ କରିଥିଲେ। ପ୍ରାରମ୍ଭରେ ବୁଧବାର ଏହି ଶିବିରକୁ ସୁନ୍ଦରଗଡ଼ ସିଡିଏମଓ ଡା.ସରୋଜ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ ସହ କେନ୍ଦ୍ରୀୟ ମୂଲ୍ୟାଙ୍କନ ଅଧିକାରୀଦ୍ୱୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ଉପସ୍ଥିତ ସମସ୍ତ କର୍ମଚାରୀଙ୍କର ପରିଚୟ ଦେଇ ମୂଲ୍ୟାଙ୍କନ (ଆସେଶମେଣ୍ଟ) କାର୍ଯ୍ୟ ଶୁଭାରମ୍ଭ କରିଥିଲେ। କୁଆଁରମୁଣ୍ଡା ଓ କାଦୋବାହାଲ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଶେଷ କରି ମ୍ୟାଲେରିଆ, ଟିବି, କୁଷ୍ଠ, ଏଚଆଇଭି, ଚକ୍ଷୁ, ମାନସିକ ସ୍ୱାସ୍ଥ୍ୟ ଇତ୍ୟାଦି ସେବାଗୁଡିକୁ କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରିଥିଲେ। କେନ୍ଦ୍ରୀୟ ଟିମ୍ ବିଭିନ୍ନ ନଥିପତ୍ର ଓ ସ୍ୱାସ୍ଥ୍ୟ ସେବାଗୁଡିକୁ ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଏମ୍ଏଫ ଡା.ଶକ୍ତିପ୍ରସାଦ ପାଢୀ, ଡିପିଏମ ଶଙ୍କର ଆଚାର୍ଯ୍ୟ, ବାବୁଲ ଲାକ୍ରା ଓ କୁଆଁରମୁଣ୍ଡା ସିଏଚସିର ବିପିଏମ ଶିବାନୀ ନାଏକ, ଉମାକାନ୍ତ ପତି, ଦେବାଶିଷ ସାହୁ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।



ଶିବିରରେ ଉପସ୍ଥିତ କେନ୍ଦ୍ରୀୟ ଟିମ୍‌ଙ୍କ ସହ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ।

## ସାମୂହିକ ବ୍ରତୋପନୟନ ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୨୪।୩(ଡି.ଏନ.ଏ.)

ସୁନ୍ଦରଗଡ଼ ରାଜବାଟୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଟାଉନ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟାଉନ ସଭାପତି ଉପେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ପଣ୍ଡିତମାନଙ୍କୁ ନେଇ ସାମୂହିକ ବ୍ରତ ଦିନ ଧାର୍ଯ୍ୟ ପାଇଁ ବୈଠକ ଆଲୋଚନା ହୋଇଥିଲା। ବୈଠକରେ ସର୍ବସମ୍ମତ କ୍ରମେ ଆସନ୍ତା ମେ ୭ ତାରିଖ ରବିବାର ସୁନ୍ଦରଗଡ ବ୍ରାହ୍ମଣ ସମାଜ ତରଫରୁ ସାମୂହିକ ବ୍ରତୋପନୟନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ବୈଠକରେ ପଣ୍ଡିତ ବଳରାମ ଦାସ, କେଶବ ସା, ଗୋକୁଳାନନ୍ଦ ପତି, ବିଶ୍ୱଜିତ ପୂଜାରୀ, କୃଷ୍ଣ ଯୋଷୀ, ଅବନି ପୁରୋହିତ, ପ୍ରଦୀପ ଯୋଷୀ,ଜିଲା ସଭାପତି ଚିନ୍ମୟ ପାଣିଗ୍ରାହୀ, ସମ୍ପାଦକ ବେଣୁମାଧବ ତ୍ରିପାଠୀ ଉପସ୍ଥିତ ଥିଲେ।

# ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ସୁନ୍ଦରଗଡ଼,୨୪।୩(ଡି.ଏନ.ଏ. )

ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏକ ହତ୍ୟା ମାମଲାରେ ଅଭିଯୁକ୍ତ ତ୍ରିବାସୀ ମହାନନ୍ଦିଆଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ସକାଶେ ଜିଲା ଦୌରାଜଜ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ସୁନ୍ଦରଗଡ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ କୁଲବା ଗ୍ରାମରେ ଗତ ୨୦୧୮ରେ ଏହି ଘଟଣା ଘଟିଥିଲା। ଏହି ଘଟଣାରେ ଥିବା ଅଭିଯୁକ୍ତ ଯିଏକି ନିଜ ବଡ ଭାଇ ସହଦେବ ମହାନନ୍ଦିଆ (୬୨)ଙ୍କୁ ଏକ ଠେଙ୍ଗା ଦ୍ୱାରା ପିଟି ପିଟି ହତ୍ୟା କରିଥିଲେ। ଘଟଣା ଦିନ ଅଭିଯୋଗକାରୀ ମୃତ ସହଦେବଙ୍କ ସ୍ତ୍ରୀ ସୀତା ମହାନନ୍ଦିଆ ଓ ସହଦେବ ଘରେ ଥିବା ସମୟରେ ତାଙ୍କ ଘରକୁ ଅଭିଯୁକ୍ତ ତ୍ରିବାସୀ ମହାନନ୍ଦିଆ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ସହଦେବ ଓ ତାଙ୍କ ସ୍ତ୍ରୀ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ତ୍ରିବାସୀ ଧରି ଥିବା ଠେଙ୍ଗାରେ ସହଦେବ ଓ ତାଙ୍କ ସ୍ତ୍ରୀଙ୍କୁ ପିଟି ଥିଲେ। ଠେଙ୍ଗା ମାଡରେ ସହଦେବ ତଳେ ପଡ଼ିଯାଇଥିଲେ। ଏହା ପରେ ଅଭିଯୁକ୍ତ ତାକୁ ପିଟି ସେଠାରୁ ଚାଲି ଯାଇଥିଲେ। ଏହା ପରେ ସ୍ତ୍ରୀ ସୀତା ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ସହଦେବଙ୍କ ସ୍ତ୍ରୀ ଏ ସମ୍ପର୍କରେ କିଞ୍ଜିରକେଲା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ କିଞ୍ଜିରିକେଲା ଥାନାରେ ଏକ ହତ୍ୟା ମାମଲା (ନଂ.୬୪/୨୭/୮/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୮ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ ଯୁକ୍ତି ଏବଂ ପ୍ରତ୍ୟକ୍ଷ୍ୟଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ଜିଲା ଦୌରା ଜଜ ପଟ୍ଟନାୟକ ରାୟ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଜିଲା ସରକାରୀ ଓକିଲ ଅବଦୁଲ ସମିମ ଅଖତର ପରିଚାଳନା କରୁଥିଲେ।

# ସୁନ୍ଦରଗଡ଼ରେ ଜିଲା କଂଗ୍ରେସର ବିକ୍ଷୋଭ

ସୁନ୍ଦରଗଡ଼,୨୪।୩(ଡି.ଏନ.ଏ.)

ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇ କେନ୍ଦ୍ର ସରକାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଡିଆରଡିଏ ଛକଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ସମର୍ଥନରେ ଏକ ବିକ୍ଷୋଭ ପ୍ରଦର୍ଶନ ଓ ମୋଦି ସରକାର ବିରୁଦ୍ଧରେ ସଭା କରି ଭାଜପା ସରକାରଙ୍କ ଆକ୍ରୋଶମୂଳକ କାର୍ଯ୍ୟକୁ ଦୃଢ ନିନ୍ଦା କରାଯାଇଥିଲା। ଉକ୍ତ ସଭାରେ ବରିଷ୍ଠ ନେତା ଅରୁଣ କୁମାର ପୃଷ୍ଠେଠ, ନିର୍ମଳ ଚନ୍ଦ୍ର ନାଏକ, ଅମିତା ବିଶ୍ୱାଳ, ଅଜିତ ପ୍ରସାଦ, ସଭ୍ୟ ନାରାୟଣ ସାହୁ, ସୁବ୍ରତ ପୁରୋହିତ, ଶ୍ୟାମନନ୍ଦନ ସହାୟ, ମୁନୁ ସରାଫ, ଦେବାଶିଷ ଦାସ, ବିଶ୍ୱଜିତ ପଟ୍ଟନାୟକ, ମନୋଜ ମହାରଣା, ଦିଲୀପ କୁମରା, ପ୍ରଦୀପ ସିଂ, ସୁନ୍ଦରଲାଲ ଶର୍ମା, ବିଷ୍ଣୁ ପ୍ରଧାନ, ବିକାଶ ରାଓ, ରଞ୍ଜନ ସୋରେଙ୍ଗ, ରାଜା ପଟ୍ଟନାୟକ, ଯଶୋବନ୍ତ ଡୁଙ୍ଗଡୁଙ୍ଗ, ଅଚ୍ୟୁତ ସରାଫ, ନେପାଳ ସାହୁ, ଅଶୋକ ଆଚାରି ତଥା ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

# କୃଷି ପ୍ରଶିକ୍ଷଣ ଶିବିର

ଟେନ୍‌ସା, ୨୪।୩(ଡ଼ି.ଏନ.ଏ)

ସୁନ୍ଦରଗଡ଼ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଅଧୀନସ୍ଥ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଶୁକ୍ରବାର ଏକ କୃଷି ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ କମଣ୍ଡ ଗ୍ରାମର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ କୃଷି ଏବଂ ଉଦ୍ୟାନ ଭିତ୍ତିକ ଚାଷର ଉପାଦେୟତା ଓ ଏହାର ପ୍ରଣାଳୀ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ କୋଇଡା ବ୍ଲକ ସହକାରୀ କୃଷି ଅଧିକାରୀ ବନଜା ହେମ୍ବ୍ରମ ଏବଂ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଦମୟନ୍ତୀ ହାଁସଦା ଉପସ୍ଥିତ ପ୍ରାୟ ୮୦ ଜଣ ମହିଳାଙ୍କୁ ଉଦ୍ୟାନ କୃଷି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ ମହାପ୍ରବନ୍ଧକ ପ୍ରଣବ ଦେଓଙ୍କ ନିର୍ଦ୍ଦେଶ କ୍ରମେ ମାନବ ସମ୍ବଳ ମୁଖ୍ୟ ଆନନ୍ଦ ଚନ୍ଦ୍ର ସାହୁ, ଜିତେନ୍ଦ୍ରିୟ ପ୍ରଧାନ, ହରିଶ ବୈଦ, ବିଶ୍ୱରଞ୍ଜନ ମିଶ୍ର ଏବଂ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କମ୍ପାନୀ ପକ୍ଷରୁ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟମାନଙ୍କୁ ଉଚ୍ଚ ମାନର ପନିପରିବା ବିହନ ଏବଂ ସାର ବିତରଣ କରାଯାଇଥିଲା। ଆଗାମୀ ଦିନରେ ସମଗ୍ର ଅଞ୍ଚଳ ଗ୍ରାମ ମାନଙ୍କରେ ପହଞ୍ଚି ସମସ୍ତ ମହିଳାଙ୍କୁ ତାଲିମ ସହ ବିହନ ବଣ୍ଟନ କରାଯିବା ନେଇ ପ୍ରକଳ୍ପ ପ୍ରବନ୍ଧକ ଆଲୋକ କୁମାର ସେଠୀ ପ୍ରକାଶ କରିଥିଲେ।



କୃଷି ଭିତ୍ତିକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ

## ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ପ୍ରତିବାଦ

ଦେବଗଡ଼, ୨୪।୩(ଡି.ଏନ୍.ଏ.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ହେବା ପ୍ରତିବାଦରେ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଭାଜପା ସରକାର ଆଦାନୀଙ୍କ ମହାଦୁର୍ନୀତିରୁ ନିଜକୁ ବଞ୍ଚାଇବାକୁ ଯାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଏକ ମିଥ୍ୟା ମୋକଦ୍ଦମାରେ ରାହୁଲ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବୋଲି କଂଗ୍ରେସ କର୍ମୀମାନେ କହିଥିଲେ। ସେହିପରି ଆଗାମୀ ଦିନରେ ଏଭଳି ହୀନ ରାଜନୀତିର ଉଚିତ ଜବାବ ଦେବା ସହିତ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସସି ସେଲ ସଭାପତି ମଞ୍ଜୁଳ ନାୟକ, ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର ସଭାପତି ପ୍ରକାଶ ଦେବତା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ମିଶ୍ର, ସୁଶାନ୍ତ ସ୍ୱାଇଁ, ଅମରଜିତ ବାର୍ଲା, ପଞ୍ଚୁଲାଲ ବରାଇ, ବିକାଶ, ସତ୍ୟବତୀ ଭୁକ୍ତା, ସବିତା ନାୟକ, ଦୁଃଖି ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ଦେବଗଡ଼ରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା ପଦ୍ମପୁର ରାସ୍ତାର ଭରସୁଜା ହାଇସ୍କୁଲ ନିକଟରେ ଶୁକ୍ରବାର ବସ୍ ଓ ଟାଟା ଏସି ଗାଡ଼ି ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି । ଏଥିରେ ଟାଟା ଏସିର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ମହାଲକ୍ଷ୍ମୀ ବସ ପଦ୍ମପୁରରୁ ବଲାଙ୍ଗୀର ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ବସ ଯାତ୍ରୀ ସୁରକ୍ଷିତ ଥିବା ଜଣାଯାଇଛି।

## ସଂକ୍ଷେପରେ

### ଖେଲୋ ଇଣ୍ଡିଆ ଉଷୁ ଲିଗ୍ ସବ୍-ଜୁନିୟର ଫାଇନାଲରେ ବଲାଙ୍ଗୀରର ପ୍ରତିଯୋଗୀ



ବଲାଙ୍ଗୀର ଅଫିସ,୨୪।୩: ଖେଲୋ ଇଣ୍ଡିଆ ଉଷୁ ଲିଗ୍‌ର ସବ୍ ଜୁନିୟର ଫାଇନାଲ ଚଳିତ ମାସ ୨୭ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାମ୍ମୁଠାରେ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ୪ ଜଣ ପ୍ରତିଯୋଗୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ବଲାଙ୍ଗୀର ଜିଲାର ସିନ୍ଦୁରବାହାଲ ଗ୍ରାମର ସୁହାନୀ ଗୁରହାଣ୍ଡି, କେନ୍ଦୁଝରର ଶ୍ୱେତାରାଣୀ ମହନ୍ତ, ମାଳିନୀ ମୁଣ୍ଡା, ଭୁବନେଶ୍ୱରର ସ୍ୱେତାରାଣୀ କଳସ ନିଜ ନିଜ ବର୍ଗରେ ଅଂଶଗ୍ରହଣ କରିବା ପାଇଁ ଶନିବାର ରାଉରକେଲାରୁ ଜାମ୍ମୁକୁ ଯାତ୍ରା ଆରମ୍ଭ କରିବେ ବୋଲି ବଲାଙ୍ଗୀର ଜିଲା ଉଷୁ କୋଚ୍ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି।

### ଆଜି କଣ୍ଟାବାଞ୍ଜିରେ ୨୪ ଘଣ୍ଟିଆ ବନ୍ଦ ଡାକରା

କଣ୍ଟାବାଞ୍ଜି,୨୪।୩(ଡି.ଏନ.ଏ.): ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଘୋଷଣା ଦାବି ନେଇ କଣ୍ଟାବାଞ୍ଜି ଏନଏସି, ବଙ୍ଗୋମୁଣ୍ଡା, ମୁରିବାହାଲ ଓ ତୁରେକେଲାର ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନ ଶନିବାର ଦିନ ବନ୍ଦ ଡାକରା ଦେଇଛନ୍ତି। କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଦାବିକୁ ସମର୍ଥନ ଜଣାଇ ଏହି ବନ୍ଦ ଡାକରା ଦିଆଯାଇଛି। ଗୁରୁବାର ଅନୁଷ୍ଠିତ ଜରୁରୀ ବୈଠକରେ ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ଦୋକାନ ବଜାର ,ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରଖିବା ପାଇଁ ଜିଲା ସଂଘର୍ଷ ସମିତି ନିବେଦନ କରିଛି। ଜିଲା ସଂଘର୍ଷ ସମିତିର ଆହ୍ୱାନ କ୍ରମେ ସହରର ଶତାଧିକ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ପୋଷ୍ଟର ଓ ପ୍ଲାକାର୍ଡ ମାଧ୍ୟମରେ ଶାନ୍ତିଶୃଙ୍ଖଳାର ସହ ବନ୍ଦ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ବେଆଇନ ବାଲି ବୋଝେଇ ଦୁଇ ଟ୍ରାକ୍ଟର ଜବତ

ଗୁଡ଼ଭେଲା,୨୪।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅନ୍ତର୍ଗତ ଖର୍ଡା ଗ୍ରାମ ନିକଟରେ ବେଆଇନ ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟର ଜବତ କରାଯାଇଛି। ସଇଁତଳା ଗ୍ରାମର ନୈମେଶ ପାଣିଗ୍ରାହୀ ଓ ଥାଳବନ୍ଧ ଗ୍ରାମର ରମାକାନ୍ତ ସାହୁଙ୍କ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚାଲାଣ କରାଯିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲ ଚଢ଼ାଉ କରି ଟ୍ରାକ୍ଟରକୁ ଜବତ କରିଥିଲେ। ଦୁଇଟି ଟ୍ରାକ୍ଟରରୁ ୧୫ହଜାର ଟଙ୍କା ଲେଖାଁଏ ଜରିମାନା ଆଦାୟ ଯାଇଥିବା ତୁଷୁରା ତହସିଲଦାରଙ୍କ ପକ୍ଷରୁ ସୂଚନା ମିଳିଛି।

# ‘ପୁସ୍ତକ ଜ୍ଞାନ ବିଚ୍ଛୁରିତ କରେ’

## ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୨୪।୩



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ଲେଖକ ପରିଷଦ ମିଳିତ ଆୟୋଜନରେ ଜିଲାସ୍ତରୀୟ ପୁସ୍ତକ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଦେବକୀ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ସାହୁ, ଏସ୍‌ପି ନିତିନ କୁଶଳକର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ହୋଇଥିଲେ। ସଭାକୁ କବି ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୋଶଳ କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗର ଷଷ୍ଠ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥି ନାଟ୍ୟଭୂଷଣ ଛୁରିଆ ତାଙ୍କ ବକ୍ତବ୍ୟରେ ଭାରତୀୟ ସଭ୍ୟତାରେ ବହି ଏବଂ ଜ୍ଞାନର କିଭଳି ଉପାସନା ହୋଇଆସିଛି କହିଥିଲେ। ଚୀନ ପରିବ୍ରାଜକ ହୁଏନ୍‌ସାଙ୍ଗ ଏକ ସ୍ମରଣୀୟ କଥା ଉଲ୍ଲେଖ କରି ଜୀବନ ବଦଳରେ ଜଣେ ବ୍ୟକ୍ତି କିଭଳି ବହି ଭର୍ତ୍ତି ଡଙ୍ଗାକୁ ଦୁର୍ଘଟଣାରୁ ବଞ୍ଚାଇଥିଲେ ତାହା ଅବତାରଣା କରିଥିଲେ। ପୁସ୍ତକ ଯୁଗ ଯୁଗରୁ ଜ୍ଞାନ ବିଚ୍ଛୁରିତ କରି ଆସୁଛି ବୋଲି କହିଥିଲେ। ଅତିଥି ଏସପି କୁଶଳକର ତାଙ୍କ ବକ୍ତବ୍ୟରେ ଆଜିର ପିଢ଼ି ଇଣ୍ଟରନେଟ୍‌କୁ ସୂଚନା ଏବଂ ଜ୍ଞାନ ପାଇଁ ଅଧିକ ବ୍ୟବହାର କରୁଛନ୍ତି। ତେବେ ବହି ଇଣ୍ଟରନେଟ୍‌ଠୁ ଅଧିକ ବିଶ୍ୱାସଯୋଗ୍ୟ ଓ ସଠିକ୍ ତଥ୍ୟ ସମ୍ବଳିତ ବୋଲି କହିଥିଲେ। ଜିଲା ପରିଷଦ ସଭାପତି ସାହୁ ତାଙ୍କ ବକ୍ତବ୍ୟରେ ବହି ଜରିଆରେ ଜ୍ଞାନ ବିତରଣ ହୋଇଥାଏ ବୋଲି କହିଥିଲେ। ଜିଲାପାଳ ରାଣା ତାଙ୍କ ଏଭଳି ପୁସ୍ତକ ମେଳା ଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ପୁଇଁତଲା ବ୍ଲକର କଷାବାହାଲ ଗ୍ରାମ ତଥା ସରକାରୀ ପଲିଟେକ୍‌ନିକ୍‌ରେ ପାଠ ପଢୁଥିବା ଭିନ୍ନକ୍ଷମ ଛାତ୍ର ଉଦିତ୍ ନାରାୟଣ ମାଝିଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମାଗଣାରେ ଦିଆଯାଇଥିବା ଏକ ତିନିଚକିଆ ସ୍କୁଟିକୁ ଜିଲାପାଳ ରାଣା ଓ ଅନ୍ୟ ଅତିଥିମାନେ ପ୍ରଦାନ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚଳିତବର୍ଷ ପୁସ୍ତକ ମେଳା ଆୟୋଜନ ଢ଼େର ବିଳମ୍ବ ହୋଇଛି। ଉଦ୍‌ଘାଟନୀ ଦିନ ୬୮ଟି ଷ୍ଟଲରୁ ଅଧିକାଂଶ ଷ୍ଟଲ ଖାଲି ପଡିଥିବା ଦେଖାଯାଇଛି। ଖୁବ୍ କମ୍ ପୁସ୍ତକ ବିକ୍ରେତା ଆସିଥିବା ବେଳେ ପୁସ୍ତକ ମେଳାରେ ଆଚାର, ଚପଲ ଓ ଅନ୍ୟାନ୍ୟ ଷ୍ଟଲ ଲଗାଯାଇଥିବାରୁ ପୁସ୍ତକ ପ୍ରେମୀମାନେ ନିରାଶ ହୋଇଥିବା ଜଣାଇଛନ୍ତି।

# ଦେଓଗାଁ ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀ

ଦେଓଗାଁ,୨୪।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଠ୍ୟକ୍ରମ ଓ ଶିକ୍ଷାର ବିକାଶ ଦିଗରେ ଅନୁଷ୍ଠିତ ସମ୍ମିଳନୀରେ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ରହି ଅଭିଭାବକମାନଙ୍କଠାରୁ ମତାମତ ଲୋଡିଥିଲେ। ଉକ୍ତ ଡିଗ୍ରୀ କଲେଜରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରି ଆଗାମୀ ଦିନରେ କିପରି ସମାଜରେ ସୁନାଗରିକ ହୋଇପାରିବେ ଏବଂ ଅଭିଭାବକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବେ ସେ ଦିଗରେ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ନିତାନ୍ତ ଆବଶ୍ୟକ ବୋଲି ଅଧ୍ୟକ୍ଷ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ସମସ୍ତ ଅଧ୍ୟାପକ ସମେତ ସାରଦା ଭଞ୍ଜଦେଓ, ମଣ୍ଟୁ ରଞ୍ଜନ ସା ପ୍ରମୁଖ ମତାମତ ପ୍ରଦାନ କରିବା ସହ ସହଯୋଗ କରିଥିଲେ।

# ସମବାୟ ସମିତି ସହ ଜଡିତ ହେବାକୁ ପରାମର୍ଶ

ଟିଟିଲାଗଡ଼, ୨୪।୩ (ଡି.ଏନ.ଏ.)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଲୁଥୁରବନ୍ଧ ପଞ୍ଚାୟତ ମଙ୍ଗଳା ମନ୍ଦିର ପରିସରରେ ଶୁକ୍ରବାର ଜିଲା ସମବାୟ ବିଭାଗ ପକ୍ଷରୁ ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା ନେଇ ଚାଷୀ ସମାବେଶରେ ସରକାରୀ ଯୋଜନା ଠିକ ଭାବେ କାର୍ଯ୍ୟକାରୀ କରିବାକୁ ଚାଷୀ ନେତାମାନେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସମବାୟ ବ୍ୟାଙ୍କ ଟିଟିଲାଗଡ ଶାଖା ପରିଚାଳିକା କ୍ଷିରୋଦ୍ରୀ ମନହିରା ଯୋଗଦେଇ ଏଣିକି କେବଳ ଋଣୀ ଚାଷୀ ନୁହେଁ ଅଣଋଣୀ ଚାଷୀଙ୍କୁ ମଧ୍ୟ ସାର ପ୍ରଦାନ କରାଯିବ ବୋଲି ଚାଷୀଙ୍କୁ ନିଶ୍ଚିତ କରିଥିଲେ। ଚାଷୀ ତଥା ମହିଳା ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏନେଇ ସମସ୍ତ ଚାଷୀ ପରିବାର ସମବାୟ ସମିତି ସହ ଜଡିତ ହେବାକୁ ଶାଖା ପରିଚାଳିକା ମନହିରା ଅନୁରୋଧ କରିଥିଲେ। ଅଧ୍ୟାପକ ବିଜୟ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୁଥୁରବନ୍ଧ ପାକ୍ସ ସଭାପିତ ଦୀପକ ବିଶି, ସମବାୟ ସୁପରଭାଇଜର ନେତ୍ରାନନ୍ଦ ମିଶ୍ର, ଯୁଗଳ କିଶୋର ସାହୁ, ସୀମାଞ୍ଚଳ ବେହିଆ, ଭରତ ହାତୀ, ଲବଣୀଧର ସାହୁ, ବିଦୁର ଜାଲ, ଝସକେତନ ଛତର ପ୍ରମୁଖ ମଞ୍ଚାସୀନ ଥିଲେ।

# ନାନ୍ଦୁପଲା ଗାଁର ଏକ ଗଭୀର ନଳକୂପରୁ ବାହାରୁଛି ସୁନା ଭଳି ପଦାର୍ଥ

■ସୁନା ଖଣି ନେଇ ଚର୍ଚ୍ଚା,
■ଘଟଣାସ୍ଥଳରେ ପ୍ରଶାସନ

ଖପ୍ରାଖୋଲ,୨୪।୩(ଡି.ଏନ.ଏ.)


ନଳକୂପରୁ ବାହାରିଥିବା ବାଲି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସୁନା ଖଣି ଥିବା ନେଇ ଏବେ ସବୁଠି ଚର୍ଚ୍ଚା। ଏହି ବ୍ଲକର ନାନ୍ଦୁପଲା ଗାଁର ଜଣେ ବ୍ୟକ୍ତିଙ୍କ ଗଭୀର ନଳକୂପରୁ ସୁନା ଭଳି ଚକ୍ ଚକ୍ କରୁଥିବା ପଦାର୍ଥ ବାହାରୁଥିବା ଜଣାପଡିବା ପରେ ଘଟଣାସ୍ଥଳରେ ପ୍ରଶାସନ ପହଞ୍ଚିଛି।

ପ୍ରକାଶ ଯେ, ନାନ୍ଦୁପଲା ଗାଁର ଜାବେଦ ମହମ୍ମଦ ନାମକ ଜଣେ ଚାଷୀ ଛଞ୍ଚାଣବାହାଲି ଗାଁ ନିକଟରେ ଗତ କିଛିଦିନ ତଳେ ଏକ ଗଭୀର ନଳକୂପ ଖୋଳିଥିବା ବେଳେ ଗୁରୁବାର ମୋଟର ଖଞ୍ଜି ପାଣି ବାହାର କରିଥିଲେ। କିନ୍ତୁ ନଳକୂପରୁ ପ୍ରଥମ କରି ବାହାରିଥିବା ବାଲି ମିଶା ପାଣିରେ ସୁନାଭଳି ଚକ୍ ଚକ୍ କରୁଥିବା ପଦାର୍ଥ ମିଶିଥିବାର ଚାଷୀ ଜଣକ ଦେଖିଥିଲେ। ଏହାପରେ ଏହା ସୁନା ହୋଇଥାଇପାରେ ବୋଲି ସନ୍ଦେହ କରି ଅନ୍ୟମାନଙ୍କୁ କହିଥିଲେ। ଖବର ପାଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ରମାକାନ୍ତ ସାହୁ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ ପ୍ରମୁଖ ଘଟଣାସ୍ଥଳରେ ଶୁକ୍ରବାର ପହଞ୍ଚି ସମ୍ପୃକ୍ତ ଚାଷୀଙ୍କୁ ଭେଟି ପଚରାଉଚରା କରିଥିଲେ। ଏଥିସହ ସୁନା ଭଳି ପଦାର୍ଥ ମିଶା ଚକ ଚକ କରୁଥିବା ବାଲି ସଂଗ୍ରହ କରିଥିଲେ। ଏହା ପ୍ରଚାରିତ ପରେ ଗଭୀର ନଳକୂପ ପାଖରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ଗଭୀର ନଳକୂପ ଖନନ ବେଳେ ବାହାରିଥିବା ଚକ୍ ଚକ୍ କରୁଥିବା ମାଟି ସଂଗ୍ରହ କରିଛୁ। ଜିଲା ଖଣି ବିଭାଗ ସହ ଆଲୋଚନା ହୋଇଛି। ସଂଗୃହୀତ ବାଲି ପରୀକ୍ଷା ପରେ ପ୍ରକୃତରେ ସୁନା କି ନୁହେଁ ଜଣାପଡ଼ିବ ବୋଲି କହିଛନ୍ତି।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ପରାମର୍ଶ ଶିବିର

ଖପ୍ରାଖୋଲ,୨୪।୩ (ଡି.ଏନ.ଏ.)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲା ନିୟୋଜନ କାର୍ଯ୍ୟାଳୟ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଏଲଏମ ବିପିଏମ ମନୋଜ କେରକେଟ୍ଟା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ଭରତ କୁମାର ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା ଓ ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷା ଉପରେ ଯୁବତୀଯୁବକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ଭୁବନେଶ୍ୱର ରମନ ଏଜୁକେଶନ ସେଣ୍ଟର୍, ସରକାରୀ ଆଇ ଟି ଆଇ ବଲାଙ୍ଗୀର, ଏଲଟ୍ରଷ୍ଟ ହୋଟେଲ ମ୍ୟାନେଜମ୍ୟେଣ୍ଟ, ଅନୁଷ୍ଠାନ, ପଲିଟେକନିକ୍ କଲେଜ, ଏସିଏମସି ଅନୁଷ୍ଠାନ ର ପ୍ରତିନିଧିମାନେ ଯୁବତୀଯୁବକମାନଙ୍କୁ ଉଚ୍ଚ ଶିକ୍ଷା, କୌଶଳ ବିକାଶ ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମ,ବିଏଲସି ପ୍ରଶାନ୍ତ ନନ୍ଦ, ସୁନିଲ ନନ୍ଦଙ୍କ ସମେତ ସିଆର୍‌ପି ଓ ଯୁବତୀଯୁବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର


ମସିଣା ଗ୍ରାମରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରକୁ ଆସିଥିବା ମହିଳା ପୁରୁଷ।

ଲାଠୋର,୨୪।୩(ଡି.ଏନ.ଏ.)

ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତି ସହାୟତାରେ ଉତ୍କଳ ସେବକ ସମାଜ ଦ୍ୱାରା ପରିଚାଳିତ ଲିଙ୍କ ୱାର୍କର ସ୍କିମ ପ୍ରକଳ୍ପ ଜରିଆରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ମସିଣା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ଖପ୍ରାଖୋଲ ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ। ଏଠାରୁ ପ୍ରତିବର୍ଷ ବହୁ ସଂଖ୍ୟକ ମହିଳା,ପୁରୁଷ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଚେନ୍ନାଇ, ତେଲେଙ୍ଗାନା ଇତ୍ୟାଦି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେମାନଙ୍କ ପ୍ରତି ଏଚଆଇଭି ବିପଦ ସୃଷ୍ଟି କରୁଛି। ଏଣୁ ବ୍ଲକ ଅଧୀନରେ ରହିଥିବା ବିଭିନ୍ନ ଗ୍ରାମର ସମ୍ବେଦନଶୀଳ ଗୋଷ୍ଠୀର ଏବଂ ଏଚଆଇଭି ସଂକ୍ରମିତ ବ୍ୟକ୍ତି ବିଶେଷ ଯେପରି ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଏଆରଟିସିରେ ପଞ୍ଜୀକୃତ ହୋଇ ଚିକିତ୍ସା ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେନେଇ ଶିବିରରେ ସଚେତନ କରାଯାଇଥିଲା। ଶିବିରରେ ପଞ୍ଜୀକୃତ ହୋଇଥିବା ୧୨୬ଜଣ ମହିଳା,ପୁରୁଷଙ୍କ ମଧ୍ୟରୁ ୯୬ ଜଣଙ୍କ ଏଚଆଇଭି ପରୀକ୍ଷା କରାଯାଇଥିଲା। ଥଣ୍ଡା, ଶର୍ଦ୍ଦି, କାଶ ତଥା ଅନ୍ୟାନ୍ୟ ରୋଗର ପରୀକ୍ଷା ମଧ କରାଯାଇ ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଖପ୍ରାଖୋଲ ଏମଏଚୟୁ ମେଡ଼ିକାଲ ଅଫିସର ଡ.ମିନତୀ ହେମ୍ବ୍ରମ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ଭୋଇ ଚିକିତ୍ସା ସେବା ଯୋଗାଇଥିଲେ। କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ଜିଲା ପ୍ରକଳ୍ପ ସଂଯୋଜକ ମହେନ୍ଦ୍ର ନନ୍ଦ ସଂଯୋଜନା କରିଥିଲେ। ଜିତେନ୍ଦ୍ର ସାଗର, ସଂଜନା କୌରହୋରା, ପଲ୍ଲବୀ ସିନ୍ଧୁର, ଅଙ୍ଗନୱାଡ଼ି କର୍ମୀ ତୁଳେଶ୍ୱରୀ ଭୋଇ, ଆଶା କର୍ମୀ ସତ୍ୟବତୀ ସହଯୋଗ କରିଥିଲେ।

# ମେଶିନରେ ଚେକ୍ ଡ୍ୟାମ କାମକୁ ଗ୍ରାମବାସୀଙ୍କ ବିରୋଧ

ଲୋଇସିଂହା,୨୪।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଦୁଇଟି ଚେକ୍ ଡ୍ୟାମ କାମ କରାଯାଉଛି। ବିନା ସୂଚନା ଫଳକରେ ଏବଂ ଶ୍ରମିକ ବଦଳରେ ବେଆଇନ ଭାବେ ଜେସିବି ମେଶିନ ଲଗାଯାଇ କାମ କରାଯାଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହାପରେ କାମକୁ ବନ୍ଦ କରି ଦିଆଯାଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରୁ ବ୍ରାହ୍ମଣୀଡୁଙ୍ଗରୀ ଗାଁର ବନ୍ଧତଳ ଓ ବ୍ରାହ୍ମଣୀଡୁଙ୍ଗରୀ ନାଳାରେ ଦୁଇଟି ଚେକଡ୍ୟାମ ନିର୍ମାଣ ପାଇଁ ଡିଆରଡିଏରୁ ମଞ୍ଜୁରୀ ମିଳିଛି । ଏଥିପାଇଁ ୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ହେଁ ବିଭିନ୍ନ କାରଣରୁ ତାହା ନିର୍ମାଣ ହୋଇପାରିନାହିଁ। ଏବେ ପଞ୍ଚାୟତ ପକ୍ଷରୁ ଚେକଡ୍ୟାମ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। କିଛିଦିନ ତଳେ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଯୁଧିଷ୍ଠିର ଦେହୁରୀ କ୍ଷେତ୍ରକୁ ଯାଇ ଲେ ଆଉଟ ଦେଲା ପରେ ମେଶିନରେ ନିଅଁ ଖୋଳା ଆରମ୍ଭ କରାଯାଇଥିଲା। ତେବେ ବିନା ସୂଚନା ଫଳକରେ ବନ୍ଧତଳ ଚେକଡ୍ୟାମ ପାଇଁ ନିଅଁ ଖୋଳା ସରିଯାଇଛି। ସେହିପରି ବ୍ରହ୍ମଣୀଡୁଙ୍ଗରୀ ନାଲା ଠାରେ ନିଅଁ ଖୋଳାଯାଉଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିନା ସୂଚନା ଫଳକ ଏବଂ ଶ୍ରମିକ ବଦଳରେ ମେଶିନରେ କାମ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏମଜିଏନଆରଇଜିଏସ କାମରେ ମେଶିନ ଲାଗିବା ବେଆଇନ ଅଭିଯୋଗ କରି ଗ୍ରାମବାସୀ କାମକୁ ବିରୋଧ କରିଥିଲେ। ଏହା ଶ୍ରମିକ ମାରଣନୀତି ଅଭିଯୋଗ କରି ଗ୍ରାମବାସୀ ବ୍ରାହ୍ମଣୀ ଡୁଙ୍ଗରୀ ନାଲାରେ ଚାଲିଥିବା ନିଅଁ ଖୋଲା କାମ ବନ୍ଦ ରଖିବାକୁ କହିଥିଲେ। ଏ ସମ୍ପର୍କରେ ଜିଆରଏସ ଶିବପ୍ରସାଦ ସା କହିଛନ୍ତି, ପୂର୍ବ ରେକର୍ଡ କାମ ସମ୍ପର୍କରେ ଜାଣିନାହିଁ କିମ୍ବା ଡିମାଣ୍ଡ ଖୋଲା ଯାଇନାହିଁ। କେମିତି ଏବଂ କିଏ କାମ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ବିଭାଗୀୟ ଯନ୍ତ୍ରୀ ଯୁଧିଷ୍ଠିର ଦେହୁରୀ କହିଛନ୍ତି, ଲେ ଆଉଟ ଦିଆଯାଇଥିଲା। ଡିମାଣ୍ଡ ଖୋଲି କାମ କରିବା କଥା। ମେଶିନରେ କାମ କରିବା ବେଆଇନ ବୋଲି କହିଥିଲେ। ଜାଣିଲା ପରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ। ସରପଞ୍ଚ ସଜଂୟ ଗଡତ୍ୟା କହିଛନ୍ତି, ଶ୍ରମିକମାନେ କାମ କରୁଥିଲେ। ବଡ ପଥର ପଡିବାରୁ ମେଶିନ ଲଗାଯାଇଥିଲା। ଅପରପକ୍ଷେ ନିଜ ତରଫରୁ ଡିମାଣ୍ଡ ଖୋଲା ଯାଇ ନ ଥିବା କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ କପିଲପଡାକୁ କରାଯାଇଥିବା ରାସ୍ତା ଉନ୍ନତୀକରଣ କାମରେ ମେଶିନ ଲଗାଇ ଶ୍ରମିକ ନାମରେ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି।


ମେସିନରେ ଚେକ ଡ୍ୟାମ ପାଇଁ ନିଅଁ ଖୋଳା।

# ୨୨୪୦ ବୋତଲ କଫ ସିରପ୍ ଜବତ, ୩ ଗିରଫ


ଜବତ୍ କଫ୍ ସିରପ, ନଗଦ ଟଙ୍କା, ମୋବାଇଲ ଓ ବଲାଙ୍ଗୀର ଟାଉନ୍ ଥାନାରେ ଅନୁଷ୍ଠିତ ପୋଲିସର ଖବରଦାତା ସମ୍ମିଳନୀରେ ଗିରଫ ୩ ଅଭିଯୁକ୍ତ।

■ଘରୋଇ ଯାତ୍ରୀବାହୀ ବସ୍‌ରେ କଟକରୁ ବଲାଙ୍ଗୀର ଆସୁଥିଲା
■କଳାହାଣ୍ଡି, କଟକ, ଯାଜପୁରର ୩ ଅଭିଯୁକ୍ତ
■୫୪୪୦ ଟଙ୍କା, ୪ ମୋବାଇଲ ଜବତ

ବଲାଙ୍ଗୀର ଅଫିସ, ୨୪।୩

ଏକ ଯାତ୍ରୀବାହୀ ବସ୍‌ରେ କଟକରୁ ବଲାଙ୍ଗୀର ଆସୁଥିବା ୨୨୪୦ ବୋତଲ ବେଆଇନ କଫ ସିରପ୍‌କୁ ବଲାଙ୍ଗୀର ପୋଲିସ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲା ଡୁମାଲ ଗ୍ରାମର ଲାଲଧର ପୁଟେଲ (୨୪), କଟକ ଜିଲା ମଙ୍ଗଳାବାଗ ଥାନା ଥୋରିଆସାହି ମଙ୍ଗଳାବାଗର ବିଶ୍ୱନାଥ ମୁଲିଆ (୨୯) ଓ ଯାଜପୁର ଜିଲା ବଡଚଣା ଥାନା ଛତିଆର ମହେଶ୍ୱର ମହାନ୍ତି (୨୬)। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୫୪୪୦ ଟଙ୍କା ଏବଂ ୪ଟି ମୋବାଇଲ ଜବତ କରିଛି। ବଲାଙ୍ଗୀର ସଦର ଏସଡିପିଓ ତୋଫାନ ବାଗ ଟାଉନ୍ ଥାନାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଡାକି ବେଆଇନ କଫ ସିରପ୍ ଚାଲାଣ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

କଟକରୁ ଗୋପୀନାଥ ନାମକ ଏକ ଘରୋଇ ବସରେ ବ୍ୟାପକ ପରିମାଣରେ ଏସ୍ କଫ ସିରପ୍ ବେଆଇନ ଭାବେ ବଲାଙ୍ଗୀର ଚାଲାଣ ହେଉଥିବା ନେଇ ବଲାଙ୍ଗୀର ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଥିଲା। ବଲାଙ୍ଗୀର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ତୋଫାନ ବାଗଙ୍କ ତତ୍ତ୍ୱାବଧାନରେ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଅତିରିକ୍ତ ଥାନାଧିକାରୀ ରାଜେନ୍ଦ୍ର କୁମାର ବେହେରା, ସବ୍‌ଇନ୍ସପେକ୍ଟର ଏନ୍‌କେ ଭୋଇ, ଏଏସ୍‌ଆଇ ଏମ୍ ପ୍ରଧାନ ଓ ଅନ୍ୟମାନେ ବଲାଙ୍ଗୀର-ଟିଟିଲାଗଡ ୨୬ ନମ୍ବର ଜାତୀୟ ରାଜପଥର ବିଜାଖମନ ଶ୍ମଶାନ ନିକଟରେ ଗୋପୀନାଥ ବସ୍ ତଳକୁ ବାହାର କରି ଦେଇଥିବା ୨୪୪୦ ବୋତଲ କଫ ସିରପ୍‌କୁ ଜବତ କରିଥିଲେ। ଚଢ଼ାଉ ସମୟରେ ବସ୍‌ଟି କଫ ସିରପ୍‌ଗୁଡିକ ତଳକୁ କାଢି ଦେଇ ସେଠାରୁ ଚାଲିଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଘଟଣାରେ ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ବାଗ ସୂଚନା ଦେଇଛନ୍ତି। କିଛିଦିନ ହେଲା ବଲାଙ୍ଗୀର ପୋଲିସ ପକ୍ଷରୁ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରାଯାଇ ଅପରାଧ ଓ ଅପରାଧୀଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ ଜୋରଦାର କରାଯାଇଛି। ବଲାଙ୍ଗୀର ସହରରେ କଫ ସିରପ ବିରୋଧୀ ଅଭିଯାନ ଫଳରେ ଆନ୍ତଃରାଜ୍ୟ କଫ ସିରପ୍ ର‍୍ୟାକେଟ୍‌ର ମଧ୍ୟ ପର୍ଦ୍ଦାଫାଶ ହୋଇଛି। ପଶ୍ଚିମବଙ୍ଗର କଲିକତାସ୍ଥିତ ମେସର୍ସ ଡାଫୋଡିଲ୍ସ କମ୍ପାନୀର ୨ କୋଟି ଟଙ୍କାର ଆକାଉଣ୍ଟକୁ ମଧ୍ୟ ବଲାଙ୍ଗୀର ପୋଲିସ କିଛି ଦିନ ପୂର୍ବରୁ ବାଜ୍ୟାପ୍ତି କରିଥିବା ଏସ୍‌ପି ସୂଚନା ଦେଇଥିଲେ। ଏହି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ରେଳଧାରଣା କଡ଼ରୁ ରକ୍ତାକ୍ତ ଯୁବକ ଉଦ୍ଧାର



**ସରଣ୍ଡା,୨୪।୩(ଡି.ଏନ୍.ଏ.):** ସମ୍ବଲପୁର-ବରଗଡ଼ ଦକ୍ଷିଣ ପୂର୍ବ ରେଳଲାଇନର ଚକୁଳି ଫାର୍ମ ନିକଟରୁ ଜଣେ ଯୁବକଙ୍କୁ ଶୁକ୍ରବାର ସକାଳେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କ ଝାଡ଼ଖଣ୍ଡ ରାଜ୍ୟ ଏହ୍ଲାବାଦ ଗୟା ବରାଚାଟି ଗ୍ରାମର ବଦ୍ରି ତୁରୀ ବୋଲି ନିଜକୁ ପରିଚୟ ଦେଇଛନ୍ତି। ତାଙ୍କ ସହ ତାଙ୍କର ଝିଅ ଥିଲା ବୋଲି ବଦ୍ରି କହିଛନ୍ତି। ସେ କିପରି କ୍ଷତାକ୍ତ ହେଲେ ଠିକ୍ ଭାବେ କିଛି କହିପାରୁନାହାନ୍ତି। ଗୁରୁବାର ବିଳମ୍ବିତ ରାତିରେ ସେ ଟ୍ରେନରେ ପିଟି ହୋଇ କ୍ଷତାକ୍ତ ହୋଇଥିବା କହୁଛନ୍ତି। ତେବେ ସେ ଟ୍ରେନରେ ପିଟି ହୋଇଛନ୍ତି ନା ଟ୍ରେନ୍‌ରୁ ଖସି ପଡିଛନ୍ତି ତାହା ଜଣାପଡିନାହିଁ। ସ୍ଥାନୀୟ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଯୁବକଙ୍କୁ ଡାକ୍ତରଖାନା ପଠାଇଥିଲେ। ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଉକ୍ତ ଯୁବକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ଖାଦ୍ୟ ସୁରକ୍ଷା ପଞ୍ଜୀକରଣ କାର୍ଯ୍ୟକ୍ରମ

**ପାଇକମାଲ,୨୪।୩(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ଡାକ୍ତରଖାନା ପରିସରରେ ଖାଦ୍ୟ ସୁରକ୍ଷା ପଞ୍ଜୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଏସ୍‌ଆଇ ତେଜଭାନୁ ସାହୁ, ସୁପରଭାଇଜର ସୁଦନ ସେଠ, ଡିଇଓ ଭୁବନେଶ୍ୱର ଦାଶ, ସୁନିତ ମଲ୍ଲିକ ପ୍ରମୁଖ ପାଇକମାଲର ୧୭୫ଟି ଖାଦ୍ୟ ବିକ୍ରି କରୁଥିବା ଦୋକାନୀଙ୍କ ପଞ୍ଜୀକରଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୌମ୍ୟରଞ୍ଜନ ଦାଶ, ତୁଷ କୁମାର ଚନ୍ଦ୍ରକାର, ରେବତୀ ମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ। ବରଗଡ ଡ୍ରଗ୍ସ ଇନ୍ସପେକ୍ଟର ସୁନିତା ନାଗ, ଟବାକୋ କନ୍‌ସଲଟାଣ୍ଟ ସିତେଶ ତ୍ରିପାଠୀ, ଅବକାରୀ ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀଧର ମାଝି, ଏଏସ୍‌ଆଇ ଦୁବରାଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ବୌଦ୍ଧ, ୨୪।୩(ସ୍ୱ.ପ୍ର.):** ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ରାହୁଲ ଗାନ୍ଧୀଙ୍କୁ ବୌଦ୍ଧଜିଲା କଂଗ୍ରେସ କମିଟି ପକ୍ଷରୁ ନୈତିକ ସମର୍ଥନ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ମୁଖପାତ୍ର ଶାନ୍ତନୁ ମହାପାତ୍ର, ପୂର୍ବତନ ପିସିସି ସଭ୍ୟ ରାଜ୍ୟ ସଞ୍ଜିବ କୁମାର ଦେଓ, ଜିଲା ଉପସଭାପତି ସମରେଶ ମିଶ୍ର, ତାରେଣୀ ଜେନା, ପ୍ରଦ୍ୟୁମ୍ନ ଧଳ, ବୁଦ୍ଧଦେବ ପ୍ରଧାନ, ପଙ୍କଜ କର୍ଣ୍ଣ, ଟି.କ୍ରିଷ୍ଣା ରାଓ, ଶିବ ବେହେରା, ସମରେନ୍ଦ୍ର ମହାକୁଲ, ରହିତାଶ୍ୱ ବେହେରା, ଅର୍ଜ୍ଜୁନ ମହାନନ୍ଦିଆ, ନାରାୟଣ ବେହେରା, ପ୍ରଦୀପ ପ୍ରଧାନ, ଗିରିଧାରି ପ୍ରଧାନ, ଝରିଆ ସାହୁ, ମିଟୁ ଦନାୟକ, ବେଣୁଧର ମେହେର, ଅଭିଳାଷ ସ୍ୱାଇଁ, ଗୋପାଳ ବାଘ, ନିତେଶ ମେହେର ପ୍ରମୁଖ ସାମିଲ ଥିଲେ।

# ସ୍ୱଚ୍ଛ, ଅବାଧ ନିର୍ବାଚନକୁ ଗୁରୁତ୍ୱ

**ସରଣ୍ଡା,୨୪।୩ (ଡି.ଏନ.ଏ.)**



ସର୍ବଦଳୀୟ ବୈଠକରେ ମଞ୍ଚାସୀନ ସରକାରୀ ପଦାଧିକାରୀଗଣ।

### ଉପଜିଲାପାଳଙ୍କ ସର୍ବଦଳୀୟ ବୈଠକ

ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ବରଗଡ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଲାଟ ଲୁହାଙ୍କ ଅଧକ୍ଷତାରେ ଶୁକ୍ରବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧମ ପ୍ରତିନିଧି, ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଅତାବିରା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍. ମୀନା, ସାଧାରଣ ପର୍ଯ୍ୟବେକ୍ଷକ ନୃସିଂହ ଚରଣ ସ୍ୱାଇଁ, ବ୍ୟୟ ପର୍ଯ୍ୟବେକ୍ଷକ ଫକୀର ମୋହନ ଶତପଥୀ ଉପସ୍ଥିତ ରହି ନିର୍ବାଚନ ଆଚରଣ ବିଧି କଡାକଡ଼ି ଭାବେ ପାଳନ କରିବା, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ସ୍ୱାଇଁ କହିଥିଲେ, ନିର୍ବାଚନ ସମୟରେ କୌଣସି ସରକାରୀ ସ୍ଥାନ, କାର୍ଯ୍ୟାଳୟରେ ପୋଷ୍ଟର, ବ୍ୟାନର ଲଗାଯାଇପାରିବ ନାହିଁ କି ନିର୍ବାଚନ ସମ୍ପର୍କିତ କୌଣସି ବୈଠକ ଓ ପ୍ରଚାର ପ୍ରସାର ଆଦି କାର୍ଯ୍ୟରେ ବ୍ୟବହାର ହେବନାହିଁ। କୌଣସି ରାଜନୈତିକ ଦଳ ତରଫରୁ ମତଦାତାମାନଙ୍କୁ ପ୍ରଲୋଭନ କରିବା ପାଇଁ ଉପହାର କି ଅର୍ଥ ଦିଆଯାଇପାରିବ ନାହିଁ। ପ୍ରତ୍ୟେକ କାଉନସିଲର ପଦବୀ ପାଇଁ ଖର୍ଚ୍ଚ ସୀମା ୫୦ ହଜାର ଓ ନଗରପାଳ ପଦବୀ ପାଇଁ ୨ ଲକ୍ଷ ଟଙ୍କା ରହିବ। ପ୍ରଚାର ସାମଗ୍ରୀ ଖର୍ଚ୍ଚ ପ୍ରତ୍ୟେକ ଦିନ ଆକଳନ କରାଯିବ ଏବଂ ତାହା ସେହି ପ୍ରାର୍ଥୀଙ୍କ ଆକାଉଣ୍ଟରେ ଅନ୍ତର୍ଭୁକ୍ତ ହେବ ବୋଲି ସ୍ୱାଇଁ କହିଥିଲେ। ନିର୍ବାଚନ ପାଇଁ ପୋଲିସ, ପ୍ରଶାସନ ସବୁ ବୁଥ୍‌ମାନଙ୍କରେ ଜାଗ୍ରତ ରହିବା ଏବଂ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏସ୍‌ପି ମୀନା ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁଠି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଛି, ତୁରନ୍ତ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ, ଅତାବିରା ଏନ୍‌ଏସି, ସାଧାରଣ ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ଟିମ୍ ମୁଖ୍ୟ (ଅତିରିକ୍ତ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ)ଙ୍କ ଦୃଷ୍ଟିକୁ ଆଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଆସନ୍ତା ଏପ୍ରିଲ ୩ରେ ଅତାବିରା ଏନ୍‌ଏସି ପାଇଁ ମତଦାନ ଓ ୫ ତାରିଖରେ ଭୋଟ ଗଣତି ହେବ। ନିର୍ବାଚନ ସମ୍ପର୍କିତ କୌଣସି ଅଭିଯୋଗ ଥିଲେ ଜନସାଧାରଣ ମୋବାଇଲ ନଂ. ୯୪୩୭୦୮୭୯୭୫ ଏବଂ ୯୪୩୭୬୩୮୯୨୪ରେ ଯୋଗାଯୋଗ କରିପାରିବେ। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ନିର୍ବାଚନ ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଘର ଘର ବୁଲି ପ୍ରାର୍ଥୀଙ୍କ ପ୍ରଚାର

**ସରଣ୍ଡା,୨୪।୩ (ଡି.ଏନ.ଏ.)**

### ଅତାବିରା ଏନ୍‌ଏସି ନିର୍ବାଚନ

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ନିର୍ବାଚନ ପାଇଁ ମତଦାନ ଦିବସ ଯେତେ ପାଖେଇ ଆସୁଛି ପ୍ରଚାର ଧୀରେ ଧୀରେ ଜୋର୍ ଧରିଛି। ଶୁକ୍ରବାର ବିଜେଡି ପକ୍ଷରୁ ପ୍ରଚାର ଗାଡ଼ି ୱାର୍ଡକୁ ୱାର୍ଡ ବୁଲି ପ୍ରଚାର ଆରମ୍ଭ କରିଥିଲା। କଂଗ୍ରେସ ପ୍ରାର୍ଥୀମାନେ ସମର୍ଥକମାନଙ୍କ ସହ ଘର ଘର ବୁଲି ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିଛନ୍ତି। ସେହିପରି କଂଗ୍ରେସ ନଗରପାଳ ପ୍ରାର୍ଥିନୀ ସବିତା ଭୁଏ ନିଜ ସମର୍ଥକମାନଙ୍କ ସହ ପ୍ରଚାର ଆରମ୍ଭ କରିଛନ୍ତି। ଅତାବିରା ଏନ୍‌ଏସି ନିର୍ବାଚନ ସକାଶେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ପ୍ରଚାର କମିଟି ଅଧକ୍ଷ ପୂର୍ବତନ ବିଧାୟକ ତଥା ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ନିର୍ବାଚନ ପ୍ରଚାର ଦାୟିତ୍ୱରେ ଥିବା ସମସ୍ତ ଜିଲା, ବ୍ଲକ ଓ ଏନ୍‌ଏସିସ୍ତରୀୟ କର୍ମକର୍ତ୍ତାଙ୍କ ସହ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରିଥିଲେ। ବୈଠକରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା, ନିପନ ଦାଶ, ଉନ୍ନି ନାୟାର, ଦୟାସାଗର ମେଣ୍ଡଲି, ରାଜେଶ ଅଗ୍ରୱାଲ, ରବି ପଣ୍ଡା, ରମେଶ ପଣ୍ଡା, ଅରବିନ୍ଦ ପାତ୍ର, ଟୁକୁ ପାଢ଼ୀ, ସୁଶାନ୍ତ ଅଗ୍ରୱାଲ, ଶୟଦ ହସନ ଅଲ୍ଲୀ, ଟାଉନ କଂଗ୍ରେସ ସଭାପତି ଅବିନାଶ ପ୍ରଧାନ, ଜିତୁ ଭୋଇ, ମନ ପ୍ରଧାନ, ନଗରପାଳ ପ୍ରାର୍ଥିନୀ ସବିତା ଭୁଏ, କାଉନସିଲର ପ୍ରାର୍ଥୀ ଦୀପକ ରାଏ, ସରୋଜ ମାଝୀ, ଗୌରୀଶଙ୍କର ପଣ୍ଡା, ବଳରାମ ସାହୁ, ନନ୍ଦିନୀ କୁମ୍ଭାର, ରିଙ୍କୁ ବାଦି, ସଂଯୁକ୍ତା ବେହେରା, ଟଙ୍କଧର ପ୍ରଧାନ, ଜନନୀ ଭୁଏ, ସରସ୍ୱତୀ ରୋହିଦାସ, ତପସ୍ୱିନୀ ରୋହିଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅତାବିରା ଏନ୍‌ଏସି ଅଞ୍ଚଳରେ କଂଗ୍ରେସ ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି।

# ପାଇକମାଲ ଡାକ୍ତରଖାନାରେ ବିଶ୍ୱ ଯକ୍ଷ୍ମା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର, ଆଶାକର୍ମୀ ଓ ଅନ୍ୟମାନେ।

**ପାଇକମାଲ,୨୪।୩(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୌମ୍ୟରଞ୍ଜନ ଦାଶଙ୍କ ଅଧକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରାକର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ଶ୍ରୀଧର ପ୍ରଧାନ, ବିପିଏମ୍ ରେବତୀ ମୋହନ ଜେନା, ଏସ୍‌ଟିଏସ୍ ଆଶିଷ କୁମାର ନଏକ, ଭିବି ଡିଟିଏସ ସାନୋଜ ଦାଶ ଓ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ଉପରେ ବୁଝାଇଥିଲେ। ଫାର୍ମାସିଷ୍ଟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଆଶା କର୍ମୀ ଓ ଯକ୍ଷ୍ମା ରୋଗୀମାନେ ଯୋଗଦାନ କରିଥିଲେ।

# ରାଜ୍ୟକୁ ଗଲା ୨୫,୯୫,୦୪୧ ଟଙ୍କା ରେଡ୍‌କ୍ରସ ପାଣ୍ଠି

### ବୌଦ୍ଧ ଜିଲା

**ବୌଦ୍ଧ,୨୪।୩ (ସ୍ୱ.ପ୍ର.)**

ଶୁକ୍ରବାର ବୌଦ୍ଧ ଜିଲା ରେଡକ୍ରସ ପାଣ୍ଠିରୁ ରାଜ୍ୟ ରେଡକ୍ରସ ପାଣ୍ଠିକୁ ୨୫,୯୫,୦୪୧ ଟଙ୍କାର ସହଯୋଗ ରାଶି ପ୍ରେରଣ କରାଯାଇଛି। ଜିଲା ରେଡକ୍ରସ ପାଣ୍ଠିରୁ ଚେକ ଆକାରରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ୨୦୧୬ ମସିହାଠାରୁ ରାଜ୍ୟ ରେଡକ୍ରସକୁ ଜିଲାରୁ କୌଣସି ଅର୍ଥରାଶି ପ୍ରେରଣ କରାଯାଇନାହିଁ। ୧୪।୮।୨୦୨୨ରେ ବୌଦ୍ଧ ଜିଲାର ଜିଲାପାଳ ଭାବରେ ସତ୍ୟରଞ୍ଜନ ସାହୁ କାର୍ଯ୍ୟରେ ଯୋଗଦାନ କରିବା ପରଠାରୁ ଜିଲା ରେଡକ୍ରସ ପାଣ୍ଠିରୁ ବହୁ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରତିଦିନ ବହୁ ଅସହାୟ ଲୋକଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି। ଜିଲାରେ ଅନୁଷ୍ଠିତ ପ୍ରତ୍ୟେକ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଅସହାୟଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଜିଲାରେ ସଂଗୃହିତ ପାଣ୍ଠିର ଶତକଡ଼ା ୩୦ ଭାଗ ରାଜ୍ୟ ରେଡକ୍ରସକୁ ପଠାଇବା ରେଡକ୍ରସର ନିୟମ ରହିଛି। ହେଲେ ୨୦୧୬-୧୭ଠାରୁ କୌଣସି ଟଙ୍କା ପ୍ରେରଣ କରାଯାଇନାହିଁ। ଅନ୍ୟ ପକ୍ଷରେ ୨୦୧୬-୧୭ରେ ୯ ଜଣ, ୨୦୧୭-୧୮ରେ ୬ଜଣ, ୨୦୧୮-୧୯ରେ ୭ ଜଣ, ୨୦୧୯-୨୦ରେ ୨ ଜଣ, ୨୦୨୦-୨୧ରେ ୫୫ ଜଣ, ୨୦୨୧-୨୨ରେ ଜଣେ, ୨୦୨୨-୨୩ର ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ୪୭ ଜଣ ଆଜୀବନ ସଦସ୍ୟଙ୍କଠାରୁ ଏକ ହଜାର ଟଙ୍କା ହିସାବରେ ୧ଲକ୍ଷ ୨୭ ହଜାର ଟଙ୍କା ସଂଗ୍ରହ ହୋଇଛି। ସେହିପରି ଦାନ ସୂତ୍ରରେ ୮୫,୨୩,୧୩୭ଟଙ୍କା ସଂଗ୍ରହ କରାଯାଇଛି। ଉଭୟ ରାଶିର ଶତକ ୩୦ ଭାଗ ହିସାବରେ ୨୫,୯୫,୦୪୧ ଟଙ୍କା ଜିଲା ପକ୍ଷରୁ ପ୍ରେରଣ କରାଯାଇଛି।

# ବୁରୋମୁଣ୍ଡାରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ବରପାଲି,୨୪।୩ (ଡି.ଏନ.ଏ.)**

ବରପାଲି ବ୍ଲକ କୁମ୍ଭାରୀ ପ୍ରାଥମିକ କୃଷି ସମବାୟ ସମିତି ଓ ନାବାର୍ଡ ପକ୍ଷରୁ ବୁରୋମୁଣ୍ଡା ଗ୍ରାମରେ ସମିତିସ୍ତରୀୟ ବ୍ୟାଙ୍କ ସେବା ତଥା ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସମବାୟ ସମିତି ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୀନା ଥଇତ ମୁଖ୍ୟ ଅତିଥି, ଟିକାୟତ ମହନ୍ତମ, ସରପଞ୍ଚ ପ୍ରେମରାଜ ତାଣ୍ଡି, ସମିତି ସଭ୍ୟା ରେଣୁକା ଭଏନା, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଶାଖା ପରିଚାଳକ କିଶୋର ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷିଋଣର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ପାଟକୁଲୁଣ୍ଡା ଜମିଦାର କୃଷ୍ଣ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୁମ୍ଭାରୀ ସମବାୟ ସମିତି ସମ୍ପାଦକ ଓ କର୍ମଚାରୀଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।



ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜମଲା ପ୍ୟାକ୍ସର ସାଧାରଣ ସଭା, ଋଣ ମେଳା

**ପଦ୍ମପୁର,୨୪।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଅନ୍ତର୍ଗତ ଜମଲା ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ)ର ବାର୍ଷିକ ସାଧାରଣ ସଭା ଓ ଋଣ ମେଳା ସଭାପତି ଗଣେଶ ରାମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଶୁକ୍ରବାର ସ୍ଥାନୀୟ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରକାଶ ପ୍ରଧାନ ସମିତିର ଆୟ ବ୍ୟୟ ତଥା ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ବିଗତ ବର୍ଷର ଧାନବିକ୍ରି ସମସ୍ୟା, ଚାଷୀ ପଞ୍ଜୀକରଣ ଓ ଫସଲ ବୀମା ସମ୍ପର୍କରେ ଚାଷୀମାନେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ସହକାରୀ ମ୍ୟାନେଜର ମନୋଜ କୁମାର ସାହୁ, ଏଆର୍‌ସିଏସ୍ ଗୋପାଳ ପୃଷ୍ଟେଠ ଅତିଥି ଭାବେ ଯୋଗଦେଇ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇ ଚାଷୀମାନେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଡାଇରେକ୍ଟର ଗଣେଶ ଭୋଇ, ଓମ୍ ପ୍ରକାଶ ଭୋଇ, ଲକ୍ଷ୍ମୀ ନାରାୟଣ ଭୋଇ, ଅକ୍ଷୟ କୁମାର ସାହୁ, ସଞ୍ଜୀବ ବେହେରା, ଅମୃତ ମେହେର, ସାହେବ ସୁନା, ଚାଷୀ ପ୍ରତିନିଧି ସଙ୍କଟା ପ୍ରସାଦ ବାଚପେୟୀ, ସୁଦାମ ସାହୁ, ସରୋଜ ବେହେରା, ମାନଭଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ୟାକ୍ସ କର୍ମଚାରୀ ରାମଚନ୍ଦ୍ର ପଟେଲ, ଦେବାର୍ଜ୍ଜନ ମେହେର, ଅଜିତ ଭୋଇ, ଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ ଋଣ ମେଳା ଓ ବ୍ୟାଙ୍କ ସେବା ଅନୁଷ୍ଠିତ ହୋଇ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସହକାରୀ ସମ୍ପାଦକ ଚିତ୍ରସେନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ସାଧାରଣ ସଭା ଓ ଋଣ ମେଳାରେ ମଞ୍ଚାସୀନ ଅତିଥି।

# ସ୍ୱଭାବ କବିଙ୍କ ଭବନକୁ ରାସ୍ତା ନିର୍ମାଣ ଦାବି

**ବରପାଲି,୨୪।୩ (ଡି.ଏନ.ଏ.)**

ବରପାଲି ହେଉଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ। ଏଠାରେ କବି ଜନ୍ମଗ୍ରହଣ କରିଥିବା ଗୃହ କବି ଭବନ ନାମରେ ନାମିତ। ସରକାର ଏହାର ରକ୍ଷଣାବେକ୍ଷଣ କରୁଥିଲେ ମଧ୍ୟ ଏହା ନାମକୁ ମାତ୍ର। ଏଠାରେ ବହୁ ଉପାଦେୟ ପୁସ୍ତକ ଅଛି, ହେଲେ ଲାଇବ୍ରେରୀ ହଲ ନାହିଁ। ଏପରିକି କେହି ସ୍ଥାୟୀ କର୍ମଚାରୀ ମଧ୍ୟ ନାହାନ୍ତି। କୌଣସି ସାଇନ ବୋର୍ଡ ମଧ୍ୟ ନାହିଁ। ଗତ ଗଙ୍ଗାଧର ଶ୍ରାଦ୍ଧ ଦିବସରେ ବରଗଡ଼ ଜିଲାପାଳ କବି ଭବନକୁ ଆସିଥିବା ବେଳେ ବରପାଲି ନାଗରିକ ଅଧିକାର ଆନ୍ଦୋଳନର କର୍ମକର୍ତ୍ତା ସାକ୍ଷାତ କରି ଆଲୋଚନା କରିଥିଲେ। ସଙ୍ଗଠନର ନୀତିନ ପଟ୍ଟନାୟକ ଓ ଅମୂଲ୍ୟ ତାଣ୍ଡି ବରଗଡ଼ରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସାକ୍ଷାତ କରି କବି ଭବନକୁ ରାସ୍ତା ନିର୍ମାଣ ସହ ସାଇନ ବୋର୍ଡ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

# ମହିନ୍ଦ୍ରା ହାର୍ଭେଷ୍ଟର ମେଶିନର ଲୋକାର୍ପଣ, ବିକ୍ରି ଶୁଭାରମ୍ଭ

**ସରଣ୍ଡା,୨୪।୩ (ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରାଠାରେ ଶୁକ୍ରବାର ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିଃ କମ୍ପାନୀର ହାର୍ଭେଷ୍ଟର ମେଶିନର ଲୋକାର୍ପଣ ହୋଇଛି। ସ୍ଥାନୀୟ ଆନ୍ଧ୍ର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ମହିନ୍ଦ୍ରା ହାର୍ଭେଷ୍ଟର୍ସର ଲୋକାର୍ପଣ ଓ ବିକ୍ରି ଶୁଭାରମ୍ଭ ଅବସରରେ କମ୍ପାନୀର ବ୍ୟବସାୟ ମୁଖ୍ୟ (ଫାର୍ମ ମେଶିନାରି) ସୁବାନ୍ଧୁ ଆର୍ଯ୍ୟା, ପ୍ରଡ଼କ୍ଟ ମ୍ୟାନେଜର ଯୋଗେଶ ଜଗତପ, ସର୍ଭିସ ହେଡ୍ ବରୁଣ ଜସୱାଲ ଓ ପଶ୍ଚିମବଙ୍ଗ ଜୋନାଲ ସେଲ୍ ମ୍ୟାନେଜର ଅଭିପ୍‌ସିତ ମହାରଣା, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଜୋନାଲ ସେଲ୍ ମ୍ୟାନେଜର ଅମିତ ମଙ୍ଗଲ, ମାର୍କେଟିଂ ହେଡ୍ ଶେଜ ତଲୱାର ପ୍ରମୁଖ ଯୋଗଦେଇ କମ୍ପାନୀ ହାର୍ଭେଷ୍ଟର୍ସ ସହ ପଲ୍ଲାରୁଆ ମେଶିନ, କୃଷି ଯନ୍ତ୍ରପାତି ବିକ୍ରି, କମ୍ପାନୀର ଉତ୍କୃଷ୍ଟ ସେବା, ସରକାରୀ ରିହାତି ବିଷୟରେ ଚାଷୀଙ୍କୁ ଅବଗତ କରିଥିଲେ। ଉତ୍ସବରେ ଭେଡେନ ବ୍ଲକ ଲୁଇସିରା ଗ୍ରାମର ଭିମସେନ ମଲ୍ଲିକ ପ୍ରଥମ ଗ୍ରାହକ ଭାବେ ହାର୍ଭେଷ୍ଟର ମେଶିନ କିଣିଥିଲେ। ଅତାବିରାଠାରେ ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିଃ କମ୍ପାନୀର ହାର୍ଭେଷ୍ଟର ମେଶିନର ଶୁଭାରମ୍ଭ ଭାରତରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗ ଦେଇଥିଲେ।




ହାର୍ଭେଷ୍ଟର ମେଶିନ କ୍ରେତାଙ୍କୁ ଚାବି ହସ୍ତାନ୍ତର କରାଯାଉଛି।

# ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟମେଳା

**ବାଉଁଶୁଣୀ, ୨୪।୩(ଡି.ଏନ.ଏ.)**

### ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ମେଳା ଓ ପୋଷଣ ପକ୍ୱାଡା ୨୦୨୩ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ସିଡିପିଓ ମିନତୀ ଦେଓଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ବାଉଁଶୁଣୀ ମେଡ଼ିକାଲ ଅଫିସର ଡ଼ ଅନ୍ତର୍ଯ୍ୟାମୀ ବେହେରା, ଡ. ପ୍ରାଚୀ ଗୁପ୍ତା, ଡ. ତନ୍ମୟୀ ସୁପରଭାଇଜର ସୁନିତା ଦାସ, ସଂଯୁକ୍ତା ସାମଲ ପ୍ରମୁଖ ଉପସ୍ଥିତ ରହି ପୋଷଣର ପଞ୍ଚସୂତ୍ର ଯଥା ହଜାରେ ଦିନର ଗୁରୁତ୍ୱ, ସ୍ୱଚ୍ଛତା ଓ ଡାଇରିଆ ଓ ଆନିମିଆରୁ କିପରି ରକ୍ଷା ପାଇବା ସେ ଉପରେ ଆଲୋଚନା କରିବା ସହିତ ଯୋଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଶିଶୁ କିଶୋରୀ ଗର୍ଭବତୀ ପ୍ରସୂତି ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଏକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏକ ବର୍ଷରୁ କମ ଶିଶୁଙ୍କ ସୁସ୍ଥ ଶିଶୁ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫ଜଣ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଉଁଶୁଣୀ ସେକ୍ଟର ସମସ୍ତ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟ ମେଳା ଓ ପୋଷଣ ପକ୍ୱାଡା ଅବସରରେ ଖାଦ୍ୟ ପ୍ରଦର୍ଶନୀ।

# ୧୯୧ ଜଣଙ୍କୁ ମିଳିଛି ଶହେ ଦିନର କାମ

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ନାକଟିଦେଉଳ,୨୪।୩(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଶୁକ୍ରବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଜନାର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଲୋକପାଳ ବ୍ରଜେନ୍ଦ୍ର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

୨୦୨୨-୨୩ ଆର୍ଥିକବର୍ଷରେ ବ୍ଲକରେ ଏହି ଯୋଜନାରେ ସମୁଦାୟ ୫ଲକ୍ଷ ୪ହଜାର ୩୨୩ଜଣ ହିତାଧିକାରୀଙ୍କୁ କାମ ଯୋଗାଇଦେବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ୨ଲକ୍ଷ ୮୭ହଜାର ୬୦୬ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ୧୯୧ ଜଣଙ୍କୁ ଶହେ ଦିନର କାମ ଯୋଗାଇ ଦିଆଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ବ୍ଲକର ୧୪ଟି ଯାକ ଗ୍ରା.ପ. ମଧ୍ୟରୁ ସମୁଦାୟ ୧୨୩ଜଣ ହିତାଧିକାରୀ ଆବାସ ଯୋଜନାରେ ଟଙ୍କା ପାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଯୋଜନା କାର୍ଯ୍ୟରେ ସି ୧ ଏବଂ ସି ୨ ଫର୍ମ କେସ ରେକର୍ଡ଼ରେ ରହୁ ନ ଥିବାବେଳେ କୌଣସି ପଞ୍ଚାୟତର ପିଇଓ ଏହାକୁ ଠିକ୍ ଭାବେ ତଦାରଖ ନ କରି ଡ଼କୁମେଣ୍ଟ ଦେଉଥିବା ନେଇ ଜିଲା ସାମାଜିକ ସମୀକ୍ଷକ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ଗ୍ରା.ପ.ର ସରପଞ୍ଚ, ସମିତିସଭ୍ୟ, ଜିଆର୍‌ଏସ୍, ଗ୍ରାମ ସାଥୀ ଓ ଜବ୍‌କାର୍ଡ଼ଧାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଲାମ ହେବ ଜବତ ବାଇକ୍

କୁଚିଣ୍ଡା,୨୪।୩(ଡି.ଏନ.ଏ.): ବାମରା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଥାନାରେ ଜବତ ହୋଇ ରହିଥିବା ବାଇକ୍‌କୁ ପୋଲିସ ପକ୍ଷରୁ ନିଲାମ କରାଯିବା ନେଇ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ୨୦୧୦ରେ ଗୋବିନ୍ଦପୁର ପୋଲିସ ଏକ ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ଲସ (ଓଆର ୨୩ବି-୫୨୩୧) ଜବତ କରାଯାଇଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ବାଇକ୍‌ର କୌଣସି ଦାବିଦାର ନ ମିଳିବାରୁ କୁଚିଣ୍ଡା ଏସ୍‌ଡ଼ିଏମଙ୍କ ଆଦେଶ ମୁତାବକ ସମ୍ବଲପୁର ଜିଲା ଆକ୍ସନ କମିଟି ପକ୍ଷରୁ ଏହାକୁ ନିଲାମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯଦି ଉକ୍ତ ବାଇକ୍ ବିଷୟରେ କାହାର କିଛି ଆପତ୍ତି ଅଭିଯୋଗ ଥାଏ ତା'ହେଲେ ଉପଯୁକ୍ତ ପ୍ରମାଣପତ୍ର ସହ ଗୋବିନ୍ଦପୁର ଥାନାରେ ଯୋଗାଯୋଗ କରିବାକୁ ଥାନା ଅଧିକାରୀ ବିଧୁ ଭୂଷଣ ମିଶ୍ର ଜଣାଇଛନ୍ତି।

### ଆହତଙ୍କୁ ଭେଟିଲେ ଚାରିଟେବୁଲ୍ ଟ୍ରଷ୍ଟ ସଦସ୍ୟ

ସମ୍ବଲପୁର,୨୪।୩(ବ୍ୟୁରୋ): ଗାଡି ଦୁର୍ଘଟଣାରେ ଆହତ ଦୁଇ ଯୁବକଙ୍କୁ ଏକ ଘରୋଇ ମେଡିକାଲରେ ଭେଟିଛନ୍ତି ସାଥୀ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟ। ଟ୍ରଷ୍ଟ ସଭାପତି ପୂର୍ବତନ ସମ୍ବଲପୁର ଉପାଧ୍ୟକ୍ଷ ସିଦ୍ଧାର୍ଥ ସାହାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଆହତ ସୁମିତ କୁମାର ତ୍ରିପାଠୀ ଓ ବାଦଲ ଚନ୍ଦ୍ର ଦାନିଙ୍କୁ ଭେଟି ସ୍ୱାସ୍ଥାବସ୍ଥା ପଚାରିବା ସହ ଯଥା ସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସିନ୍ଧୀ ସମାଜ ପକ୍ଷରୁ ମଧ୍ୟ ରାମଦାସ ୱାଦୱାନି, ଅଜୟ ମୁର୍ଜାନି, ଦୀପକ ଗୋପ୍ତାନୀଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଦୁଲାଲ ଚନ୍ଦ୍ର ରାୟ, ଭଗତ ଭାଇ, ବବୁଲ ପଣ୍ଡା, ସନ୍ନି ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ଲିଙ୍ଗ ନିରୂପଣ ଆଇନ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର,୨୪।୩(ବ୍ୟୁରୋ): ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଲିଙ୍ଗ ନିରୂପଣ ଆଇନ ଜିଲା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭ୍ରୁଣ ହତ୍ୟା ଓ ଲିଙ୍ଗ ନିରୂପଣ ଏକ ଜଘନ୍ୟ ଅପରାଧ। ଏହାକୁ ରୋକିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଭାରପ୍ରାପ୍ତ ଏଡିଏମ୍‌ଓ ଡ଼ା. ଅଲେଖ ମହାପାତ୍ର, ଡିପିଏମ୍ ଡ଼. ମୌସୁମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ନାକଟିଦେଉଳ,୨୪।୩(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ କିସିଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶୁକ୍ରବାର ସମବାୟ ବ୍ୟାଙ୍କିଙ୍ଗ ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସମିତିର ସମ୍ପାଦକ ଅକ୍ଷୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ଚାଷୀମାନଙ୍କୁ ଠିକ୍ ସମୟରେ ବିହନ ସାର ଆଦି ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ସରକାରଙ୍କ ପକ୍ଷରୁ ବିନା ସୁଧରେ ଚାଷୀମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପ୍ରଦାନ, ୧ଲକ୍ଷରୁ ଅଧିକା ହେଲେ ୨ପ୍ରତିଶତ ସୁଧରେ ଋଣ, ଭୂମିହୀନଙ୍କୁ ବଳରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସମ୍ପର୍କରେ ସମିତି ସମ୍ପାଦକ ନାଏକ ସୂଚନା ଦେଇଥିଲେ। ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ନାକଟିଦେଉଳ ଶାଖାର ପ୍ରଶାସନିକ ଅଧିକାରୀ ନିହାର ରଞ୍ଜନ ସାହୁ ମୁଖ୍ୟଅତିଥି, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ, କିସିଣ୍ଡା ସରପଞ୍ଚ ରୀନା ନାଏକ, ସମିତିସଭ୍ୟା ଯାଜ୍ଞସେନୀ କୁଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୨୪।୩(ବ୍ୟୁରୋ)

ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ଓ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢାଉ କରାଯାଇ କାର୍ ସହ ୫୫କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦିଲ୍ଲୀର ରାଜକୁମାର ଓ ଉତ୍ତରପ୍ରଦେଶ ଗାଜିୟାବାଦର ନୃସିଂହ ଭାଟି। ଓଡିଶାର କୋରାପୁଟରୁ ଦିଲ୍ଲୀ ଚାଲାଣ ହେଉଥିବା ବେଳେ ଶାସନସ୍ଥିତ ଟୋଲଗେଟ ନିକଟରେ ଅବକାରୀ ବିଭାଗ କାର୍ କାବୁ କରିଥିଲା। ଏ ନେଇ ୨୦/୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପୋଷଣ ପକ୍ଷ ସଚେତନତା ରଥ ଗଡ଼ିଲା

ସମ୍ବଲପୁର,୨୪।୩ (ବ୍ୟୁରୋ)

ଜିଲାସ୍ତରୀୟ ପୋଷଣ ପକ୍ଷ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନକୁ ଯାଇ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ସାମଗ୍ରିକ ଭାବରେ ପୋଷଣର ଉନ୍ନତି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପ୍ରତି ବ୍ଲକରେ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପଦଯାତ୍ରା, ସାଇକେଲ ରାଲି, ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଟ୍ରାଫିକ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲା ଏଏପି

ସମ୍ବଲପୁର,୨୪।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ବୁର୍ଲାର ବସ୍‌ଷ୍ଟାଣ୍ଡ ଓ ମୁଖ୍ୟ ବଜାର ଅଞ୍ଚଳରେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଛି। ଏ ନେଇ ଶୁକ୍ରବାର ଏଏପି କର୍ମକର୍ତ୍ତା ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରଶସ୍ତ ରାସ୍ତା ବର୍ତ୍ତମାନ ଜବରଦଖଲକାରୀଙ୍କ କବ୍‌ଜାରେ ରହି ସଂକୀର୍ଣ୍ଣ ହୋଇପଡିଛି। ରାସ୍ତାଘାଟର ସେମିତି କିଛି ଉନ୍ନତୀକରଣ ହୋଇନାହିଁ। ରାସ୍ତା ପ୍ରଶସ୍ତୀକରଣ ସହ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଓ ବୃକ୍ଷ ରୋପଣ ଇତ୍ୟାଦି କାମ କରିବା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଦାବି କରିଥିଲେ। ଭୁପେନ୍ ସାହୁଙ୍କ ନେତୃତ୍ୱରେ ଦଳର ସଭାପତି ଲାଲମଣି ଲୁଗୁନ୍, ବୀରକିଶୋର ଭୋସାଗର, ଦୀପକ ସହାୟ, ବିରେନ୍ଦ୍ର ପାଣିଗ୍ରାହୀ, ଆଲାଦିନ ସିଦ୍ଦିକୀ, ତ୍ରିବିକ୍ରମ ସାହୁ ପ୍ରମୁଖ ଆଲୋଚନାରେ ସାମିଲ ଥିଲେ।


ଜିଲାପାଳଙ୍କୁ ଏଏପି ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଜୟନ୍ତୀରେ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସମ୍ବଲପୁର,୨୪।୩(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ଖବରଦାତା ନୃସିଂହ ଗୁରୁଙ୍କ ୧୨୧ତମ ଜୟନ୍ତୀ ଅବସରରେ ଶୁକ୍ରବାର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ତାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପୂର୍ବାହ୍ନରେ ଦଳମତ ନିର୍ବିଶେଷରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମନ୍ଦଲିଆସ୍ଥିତ ନୃସିଂହ ଗୁରୁ ପାର୍କରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପୂର୍ବତନ ଏମ୍‌ପି ପ୍ରମିଳା ବହିଦାର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଖବରଦାତା ହେମନ୍ତ କୁମାର ମହାପାତ୍ର, ଗୋଲକ ବିହାରୀ ମିଶ୍ର, କାର୍ତ୍ତିକ ପ୍ରସାଦ ବହିଦାର, ରାଜେନ୍ଦ୍ର ସତନାମୀ, ଦିଲୀପ ପୃଷ୍ଟି, ସରୋଜ ମହାପାତ୍ର, କବି ଗଦାଧର ନିଆଳ, ବିଜେଡି ନେତ୍ରୀ ପଦ୍ମାଳୟା ପଟ୍ଟନାୟକ, ସ୍ନିଗ୍ଧାଶ୍ରୀ ବହିଦାର, ନେତ୍ରମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ ବିର୍ଲାରେ ବିଶ୍ୱ ଯକ୍ଷ୍ମା ଦିବସ

ସମ୍ବଲପୁର,୨୪।୩ (ବ୍ୟୁରୋ)

ସମ୍ବଲପୁର ରେଙ୍ଗାଲି ଆଦିତ୍ୟ ଆଲୁମିନିୟମ ଓ ସ୍ୱାଧୀନତା ଏକତା ସଂଗଠନ ଅନୁକୂଲ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ରେଙ୍ଗାଲି ବ୍ଲକକୁ ଯକ୍ଷ୍ମାମୁକ୍ତ କରିବାର ଲକ୍ଷ୍ୟ ନେଇ ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଭିଜନ ସେଣ୍ଟରଠାରୁ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସାଇକେଲ ରାଲି କରାଯାଇଥିଲା। ଆୟୋଜିତ ସଭାରେ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଣିକାନ୍ତ ପଧାନ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦୀପ୍ତି ରଞ୍ଜନ ପଟେଲ, ବରିଷ୍ଠ ନାଗରିକ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା ଅନ୍ତର୍ଯାମୀ ପାଣି ଓ ବସନ୍ତ ନାୟକ ଯୋଗଦାନ କରିଥିଲେ। ମନୋରଞ୍ଜନ ବେହେରା, ସହ ପ୍ରବନ୍ଧକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ବକ୍ତବ୍ୟ ରଖି କହିଥିଲେ ଯକ୍ଷ୍ମା ନିରାକରଣ ଏକ ସାମାଜିକ ଆନ୍ଦୋଳନ। ଏହାର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସାମୂହିକ ପ୍ରୟାସ ଆବଶ୍ୟକ। ଯଦୁମଣି ଗାରନିକ, ଜନ ସ୍ୱାସ୍ଥ୍ୟଶିକ୍ଷା ଅଧିକାରୀ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତାଧର୍ମୀ କ୍ଷୁଦ୍ର ନାଟକ ପରିବର୍ତ୍ତନ ପରିବେଷଣ କରାଯାଇଥିଲା। ଏକତା ପରିଷଦ ମୁଖ୍ୟ ରାଜୀବ ମିଶ୍ର ଓ କର୍ମକର୍ତ୍ତା ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ ଓ ଛାତ୍ରୀଛାତ୍ର।

# ଯୁଯୁମୁରା ହକି ଷ୍ଟାଡିୟମ ଦାୟିତ୍ୱ ସ୍ଥାନୀୟ ଏକାଡେମୀକୁ ଦିଆଯାଉ

ସମ୍ବଲପୁର, ୨୪।୩(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରାରେ ଦୁଇମାସ ପୂର୍ବରୁ ଏକ ହକି ଷ୍ଟାଡିୟମ ଉଦ୍‌ଘାଟନ ହୋଇଥିଲା। ହେଲେ ପରିଚାଳନା, ରକ୍ଷଣାବେକ୍ଷଣ ଠିକ ଭାବେ ନ କଲେ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଷ୍ଟାଡିୟମ ଅନ୍ୟ ପ୍ରକଳ୍ପ ଭଳି ହୋଇଯିବ। ଏହାକୁ ନେଇ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ଶୁକ୍ରବାର ଯୁଯୁମୁରା ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡତିଆ ହକି ଏକାଡେମୀ ସଦସ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଦୀର୍ଘ ଦିନରୁ ଅଞ୍ଚଳରେ ବିଭିନ୍ନ ସମୟରେ ହକି ପ୍ରତିଯୋଗିତା କରିଆସୁଛୁ। ଏହା ଦ୍ୱାରା ସ୍ଥାନୀୟ ହକି ପ୍ରତିଭାଙ୍କୁ ଆଗକୁ ବଢିବାର ସୁଯୋଗ ସୃଷ୍ଟି ହେଉଛି। ବାଳକ, ବାଳିକାଙ୍କୁ ନେଇ ଅଭ୍ୟାସ ମଧ୍ୟ କରାଯାଉଛି। ତେଣୁ ନିକଟରେ ଯୁଯୁମୁରାରେ ଉଦ୍‌ଘାଟିତ ହୋଇଥିବା ଟର୍ଫ ହକି ଷ୍ଟାଡିୟମକୁ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡତିଆଙ୍କ ନାଁରେ ନାମିତ କରାଯାଉ। ସୂଚନାଯୋଗ୍ୟ, ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ମଧୁ ଗଡତିଆଙ୍କ ନାମରେ କରିବାକୁ ଘୋଷଣା କରିଥିଲେ। ଓମ୍‌ପ୍ରକାଶ ବିଶ୍ୱାଳ, ସମିତି ସଭ୍ୟ ଜୟନ୍ତ ପ୍ରଧାନ, ରତନ ଟପୋ, ମାର୍କୁସ ଲୁଗୁନ, ସରପଞ୍ଚ ଦିବାକର ପ୍ରଧାନ, କିରନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ସ୍ତମ୍ଭ ଉଦ୍‌ଘାଟିତ

ବ୍ରଜରାଜନଗର,୨୪।୩ (ଡି.ଏନ.ଏ.)

ଏମ୍‌ସିଏଲ୍ ପରିଚାଳିତ ହୀରାଖଣ୍ଡ ବୁନ୍ଦିଆ କୋଇଲାଖଣି ପକ୍ଷରୁ ବୁନ୍ଦିଆ ଛକରେ ଶହୀଦ ବଳରାମଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଶହୀଦ ସ୍ତମ୍ଭ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରାମପୁର ସବ୍‌ଏରିଆ ମ୍ୟାନେଜର ପ୍ରିୟ ଶଙ୍କର ସିହ୍ନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କୁଦପାଲି ପଞ୍ଚାୟତର ଶହୀଦ ବଳରାମ ପ୍ରଧାନଙ୍କ ପିତା ମଣୀ ପ୍ରଧାନ, ସୋମନାଥ ପୂଜାରୀ, ବଳଦେବ ଦୀକ୍ଷିତ ଯୋଗଦେଇଥିଲେ। ବଳରାମ ୨୦୧୦ରେ ଗଜପତି ଜିଲାରେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ।

# ଯୁକ୍ତ ୩ ମହାବିଦ୍ୟାଳୟ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଶିକ୍ଷାପ୍ରେମୀ।

ପଡିଆବାହାଲ, ୨୪।୩(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ଠାରେ ବ୍ଲକର ଦ୍ୱିତୀୟ ଯୁକ୍ତ ତିନି ମହାବିଦ୍ୟାଳୟ ଖୋଲିବା ପାଇଁ ଶୁକ୍ରବାର ବାହାମ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ପରିଚାଳନାରେ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବୋଧ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଚେୟାରମ୍ୟାନ ମମତା ନାୟକ, ମହାଲକ୍ଷ୍ମୀ ବ୍ୟବସାୟୀ ସଙ୍ଘ ସଭାପତି ତଥା ଶିକ୍ଷାପ୍ରେମୀ ବିଜୟ କୁମାର ନାୟକ, ଅଧ୍ୟାପକ ଅକ୍ଷୟ ମହାପାତ୍ର ମଞ୍ଚାସୀନ ଥିଲେ। ଟାମ୍ପରଗଡ, କବରାପାଲି, ଜୟନ୍ତପୁର, ବାହାମ କୁକୁଡ଼ାପାଲି, ଘେନୁପାଲି ଆଦି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଏଠାରେ କଲେଜ ହେଲେ ବହୁ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମତ ଦେଇଥିଲେ। ଆସନ୍ତା ଏପ୍ରିଲ ୯ତାରିଖରେ ପରବର୍ତ୍ତୀ ବୈଠକରେ କମିଟି ଗଠନ କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ବେହେରା, ହରିହର ନାୟକ, ସୁରୁବାବୁ ନାୟକ, ବନିତା ଓରାମ, ଗୀତାଞ୍ଜଳି, ଜଗଦୀଶ ମିର୍ଦ୍ଧା, ରାଧାମୋହନ ଷଡ଼ଙ୍ଗୀ, ରାଜାରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମାକୁମାରୀ ପକ୍ଷରୁ ସୁଖରେ ବଞ୍ଚିବା କଳା କାର୍ଯ୍ୟକ୍ରମ

ସମ୍ବଲପୁର,୨୪।୩(ବ୍ୟୁରୋ)

ବ୍ରହ୍ମାକୁମାରୀ ସମ୍ବଲପୁର ଶାଖା ପକ୍ଷରୁ ସୁଖରେ ବଞ୍ଚିବା କଳା ଓ ମଧୁମୟ ସମ୍ବନ୍ଧ ସ୍ଥାପନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବ୍‌ଜୋନ୍ ଇନ୍‌ଚାର୍ଜ ରାଜଯୋଗିନୀ ପାର୍ବତୀ ଦିଦି ସୁଖ, ଶାନ୍ତି ତଥା ଆନନ୍ଦମୟ ଜୀବନ କିପରି ଅତିବାହିତ କରିହେବ ସେ ସମ୍ପର୍କରେ କହିଥିଲେ। ଡ. ଇ.ଭି. ଗିରିଶ ସୁନ୍ଦର ଓ ଆକର୍ଷଣୀୟ ରହିବାର ସଜ୍ଞା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ବ୍ରହ୍ମାକୁମାରୀ ଦୀପା ଦିଦି ମମଧୁମୟ ସମ୍ବନ୍ଧ ସ୍ଥାପନ ଉପରେ ଦୃଷ୍ଟାନ୍ତ ଦେଇଥିଲେ। ବ୍ରହ୍ମାକୁମାରୀ ଦୀପା ଭଉଣୀ ସଭା ପରିଚାଳନା କରିଥିଲେ।

# ବୁଢ଼ାରଜା ସ୍କୁଲରେ ଅଗ୍ନି ପ୍ରଶମନ ସଚେତନତା

ସମ୍ବଲପୁର,୨୪।୩(ବ୍ୟୁରୋ)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ପ୍ରଶମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଅଗ୍ନିଶମ ବିଭାଗ ପକ୍ଷରୁ ଲିଡିଂ ଫାୟାର୍ ମ୍ୟାନ୍ ଟି.କେ. ବେହେରା, ଫାୟାର ମ୍ୟାନ୍ ବି. ଗଡ଼ନାୟକ, କେ.କେ. ସେଠ୍, ବି. ଭୋଇ, ହାବିଲଦାର ବି. ଓରାମ୍ ପ୍ରମୁଖ ଯୋଗଦେଇ ଅଗ୍ନି ସଂଯୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ସାହୁ, ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଗାୟତ୍ରୀ ଭୋଇ, ଅପର୍ଣ୍ଣା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମଣ୍ଡଳ ପ୍ରବନ୍ଧକଙ୍କ ସମ୍ବଲପୁର-ବଲାଙ୍ଗୀର ରେଳପଥ ନିରୀକ୍ଷଣ

ସମ୍ବଲପୁର,୨୪।୩(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ବିନିତ ସିଂ ସମ୍ବଲପୁର-ବଲାଙ୍ଗୀର ସେକ୍ସନ ଗସ୍ତକରି ରେଳପଥ ନିରୀକ୍ଷଣ କରିଥିଲେ। ଏହି ସମୟରେ ସେ କର୍ମଚାରୀଙ୍କୁ ଭେଟି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଭିନ୍ନ ସ୍ଥିର ସମ୍ପତ୍ତି, ପ୍ରତିଷ୍ଠାନ, ଯାତ୍ରୀଙ୍କ ସୁବିଧା ଯାଞ୍ଚ କରିଥିଲେ। କର୍ମଚାରୀମାନଙ୍କୁ ସମସ୍ତଙ୍କ ସୁରକ୍ଷା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଷ୍ଟେଶନରେ ଯାତ୍ରୀ ସୁରକ୍ଷା ନିୟମ ଅନୁସରଣ କରିବାକୁ କହିଥିଲେ।



# ନର୍ସିଂ ଅଫିସର ପରୀକ୍ଷାରେ କପି କରି ୨ ଗିରଫ

ବେଲପାହାଡ଼,୨୪।୩(ଡି.ଏନ.ଏ.)

## ଥାନାରେ ଅଭିଯୋଗ କରିଥିଲେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ

ଷ୍ଟାଫ ସିଲେକ୍ସନ ଅଧୀନ ନର୍ସିଂ ଅଫିସର ପରୀକ୍ଷାରେ ମୋବାଇଲ ଦ୍ୱାରା କପି କରୁଥିବା ଜଣେ ମହିଳା ଓ ତାଙ୍କୁ ସହଯୋଗ କରିଥିବା ଅନ୍ୟ ଜଣେ ମହିଳାଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବେଲପାହାଡ କଲୋନୀର ସସ୍ମିତା ସାହୁ (ଟିଂକି) ଓ ମିଲି ବର୍ଗାୀ। ଉଭୟେ ପେଷାରେ ନର୍ସ ହୋଇଥିବା ବେଳେ ଟିଂକି କିଛିଦିନ ପୂର୍ବରୁ ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ନର୍ସ ଭାବରେ କାମ କରୁଥିଲେ। ପରେ ଚାକିରୀ ଛାଡ଼ି ବେଲପାହାଡ ସରକାରୀ ଡାକ୍ତରଖାନା ରାସ୍ତାରେ ପାଥୋଲୋଜି କ୍ଲିନିକ କରିଥିଲେ। ତେବେ ସେ ଷ୍ଟାଫ ସିଲେକ୍ସନ ଅଧୀନରେ ନର୍ସିଂ ଅଫିସର ପାଇଁ ଝାରସୁଗୁଡା ବ୍ଲକ ଡାଇମଣ୍ଡ ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଟରେ ଗତ ୧୯ ତାରିଖରେ ପରୀକ୍ଷା ଦେଉଥିଲେ। ପରୀକ୍ଷା ହଲ୍‌କୁ ସେ କୌଶଳ କ୍ରମେ ନିଜ ମୋବାଇଲ ଫୋନ ନେଇ ପ୍ରଶ୍ନପତ୍ରର ଫଟୋ ଉଠାଇ ବନ୍ଧୁ ନର୍ସ ମିଳିଙ୍କ ନିକଟକୁ ପଠାଇଥିଲେ। ପୂର୍ବ ଯୋଜନା ମୁତାବକ ମିଲି ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ଖୋଜି ମୋବାଇଲ ଦ୍ୱାରା ଟିଂକିଙ୍କ ନିକଟକୁ ପଠାଇଥିଲେ। ଉତ୍ତରଗୁଡ଼ିକ ମୋବାଇଲରୁ ଦେଖି ଲେଖିଲା ସମୟରେ ଟିଂକି ପରୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ। ପରୀକ୍ଷକ ଟିଂକିଙ୍କୁ ମାଲପ୍ରାକ୍ଟିସ କରିବା ସହ ଆଡ଼୍‌ମିଟ କାର୍ଡ ଓ ଉକ୍ତ ମୋବାଇଲ ଜବତ କରି ସେଣ୍ଟର ସୁପରିଣ୍ଟେଣ୍ଡେଙ୍କୁ ଜଣାଇଥିଲେ। ସୁପରିଣ୍ଟେଣ୍ଡେ ବିକାଶ ରଞ୍ଜନ ଦାସ ଏ ବାବଦରେ ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୭୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ସମିତି ପୁନର୍ଗଠିତ

ବୋଡେନ,(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ସମିତି ପୁନର୍ଗଠିତ ହୋଇଯାଇଛି। ପରିଚାଳନା ସମିତି ପୂର୍ବତନ ସଭାପତି ଶୋଜନେଶ୍ୱର ମଲ୍ଲିକଙ୍କ ସଭାପତିତ୍ୱରେ ନୂତନ ପରିଚାଳନା ସମିତି ଗଠିତ ହୋଇଯାଇଛି। ନୂତନ ସମିତି ସଭାପତି ଭାବେ ଯୋଗେନ୍ଦ୍ର ନାଥ ମାଝି, ରାଜକିଶୋର ହେର୍ଣ୍ଣା ଉପସଭାପତି, ରୋହିତ କୁମାର ଦଣ୍ଡସେନା ସମ୍ପାଦକ, ରୁପଦ କାଣ୍ଡ ସହ ସମ୍ପାଦକ, ଧର୍ମେନ୍ଦ୍ର ନାଏକ କୋଷାଧ୍ୟକ୍ଷ, ତୁଳସୀ ନିଆଲ ଓ ସୁକ୍ରା ନିଆଲ ସଦସ୍ୟ ମନୋନୀତ ହୋଇଛନ୍ତି।

## ସଂକ୍ଷେପରେ

### ଡ୍ରଇଂ, ସାଧାରଣ ଜ୍ଞାନ ପ୍ରତିଯୋଗିତା

ନୂଆପଡ଼ା ଅଫିସ,୨୪।୩: ନୂଆପଡା ସଦର ବ୍ଲକ ଭଇଁଷାତାଳ ପଞ୍ଚାୟତ ମହତମତୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜାତୀୟ ଜଳ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଡ୍ରାଇଂ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଉପାଧ୍ୟ, ନୀଳକଣ୍ଠ ଚନ୍ଦ୍ରକାର, ପ୍ରଶାନ୍ତ କୁମାର ରାଉତ, ନରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଜ୍ଞାନକୁ ନିରୀକ୍ଷଣ କରି ଶ୍ରେଷ୍ଠ ଓ କନିଷ୍ଠ ଭାବେ ମନୋନୀତ କରିଥିଲେ। ଡ୍ରଇଂ ପ୍ରତିଯୋଗିତାରେ ଚୁଲବୁଲି ରାଉତ ପ୍ରଥମ ହୋଇଥିବା ବେଳେ ଭୂମିକା ରାଉତ ଦ୍ୱିତୀୟ, ସୁଶ୍ମୀତା ସତନାମୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାଧାରଣ ଜ୍ଞାନରେ ଲାଲକ୍ରିଷ୍ଣା ସାହୁ ପ୍ରଥମ, ଅନୀଲ ବରିକ ଦ୍ୱିତୀୟ ଓ ସୁବାଷ ଚନ୍ଦ୍ର ବିହାରୀ ତୃତୀୟ ସ୍ଥାନ ଅଧିକାରୀ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିଜତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ର ନୂଆପଡା ସ୍ୱେଚ୍ଛାସେବୀ ବିଶାଖା ହରିଜନ କାର୍ଯ୍ୟକ୍ରମପରିଚାଳନା କରିଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ,୨୪।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ଜାମଚୁଆଠାରେ ସିଆର୍‌ପିଏଫ୍ ୧୨ ବାଟାଲିଆନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ ବାଟାଲିଆନ କମାଣ୍ଡେଣ୍ଟ ଅମିତ ସିଂଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୧୨ ବାଟାଲିୟନ କୋମା ନନ୍ଦକିଶୋର ଯୋଗଦେଇ ଅଞ୍ଚଳବାସୀଙ୍କ ଦୁଃଖଶୁଖରେ ସାଥୀହୋଇ ତାଙ୍କର ସୁରକ୍ଷା ଦିଗରେ ସର୍ବଦା ସହଯୋଗର ହାତ ବଢ଼ାଇବା ପାଇଁ ଯବାନମାନେ ସବୁବେଳେ ତତ୍ପର ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ, ଡ. ମନିଷ ସିଂ, ୱାର୍ଡମେମ୍ବର ଶ୍ରୀମତି ମାଝି, ଚିନ୍ତା ମାଝି, ଷ୍ଟେଟବ୍ୟାଙ୍କ ମ୍ୟାନେଜର ଶଙ୍ଖଚରଣ ବେସ୍ରା, ଜାମଚୁଆ ସ୍କୁଲ ଶିକ୍ଷକ ଘାସି ମାଝି, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜି ପଞ୍ଚାୟତ ଜାମଚୁଆ, ଡାହାଣୀପଦର, ଖଲ୍ଲି, ଯୋବାଗାଁ, ମାଟୁଳର ୧୦୦ଜଣ ଗରିବ ପରିବାରକୁ ଡ୍ରମ, କଡେଇ, ଡ଼େକଚି, ପ୍ରେସର କୁକର ଓ ଘର କରଣ ସାମଗ୍ରୀ ବଣ୍ଟନ ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ମଧ କରାଯାଇଥିଲା। ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ସିଆରପିଏଫ ସମସ୍ତ ଯବାନ ସହଯୋଗ କରିଥିଲେ।

### ନିର୍ବାଚନ ଲଢ଼ିବେ ଅବସରପ୍ରାପ୍ତ ଆୟକର କମିଶନର

ଖଡିଆଳ,୨୪।୩(ଡି.ଏନ.ଏ.): ଆସନ୍ତା ସାଧାରଣ ନିର୍ବାଚନରେ ନୂଆପଡ଼ା ଜିଲା ଖଡିଆଳ ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥି ଭାବେ ଲଢ଼ିବେ ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ। ଶୁକ୍ରବାର ଖଡିଆଳସ୍ଥିତ ଅଗ୍ରସେନ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଚଟର୍ଜୀ ଘୋଷଣା କରିଛନ୍ତି। ଚଟର୍ଜୀ ଆହୁରୀ କହିଛନ୍ତି ଯେ ଖଡିଆଳ ନିର୍ବାଚନମଣ୍ଡଳୀ ନିର୍ବାଚନ କଲୁଷିତ ହୋଇଯାଇଛି। ମଦ, ମାଂସ ଏବଂ ଟଙ୍କା ବଳରେ ପ୍ରଲୋଭିତ କରି ଭୋଟ ହାତେଉଛନ୍ତି କିନ୍ତୁ ଯେଉଁ ପରିମାଣରେ ଅଞ୍ଚଳର ବିକାଶ ହେବାକଥା ହୋଇ ପାରିନାହିଁ। ଏହାକୁ ପରିବର୍ତ୍ତନ କରି ଅଞ୍ଚଳର ବିକାଶ ବଦ୍ଧପରିକର ହୋଇ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ତେବେ କୌଣସି ରାଜନୈତିକ ଦଳ ପକ୍ଷରୁ ଯଦି ପ୍ରାର୍ଥି ହେବା ପାଇଁ ସୁଯୋଗ ଆସେ ତେବେ ନିଜର ଶୁଭେଚ୍ଛୁ କିମ୍ବା ସମର୍ଥକଙ୍କ ସହ ବିଚାର କରିବେ ବୋଲି ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ଗତ ପୌର ନିର୍ବାଚନରେ ଖଡିଆଳ ଏନଏସି ଅଧକ୍ଷ ପଦ ପାଇଁ ସ୍ୱାଧୀନ ପ୍ରାର୍ଥି ଭାବେ ଲଢ଼ି ତିନି ପ୍ରମୁଖ ଦଳକୁ କଡାଟକ୍କର ଦେଇ କଂଗ୍ରେସ ପ୍ରାର୍ଥି ତଥା ଏନଏସି ଅଧକ୍ଷ ଉଜ୍ଜଳ ଗୁପ୍ତାଙ୍କଠାରୁ ପରାଜିତ ହୋଇଥିଲେ। ତେବେ ଅବସରପ୍ରାପ୍ତ ଆୟକର କମିଶନର ଚଟର୍ଜୀଙ୍କ ନିର୍ବାଚନ ଲଡିବା ଘୋଷଣା କରିବା ପରେ ଖଡିଆଳ ନିର୍ବାଚନ ମଣ୍ଡଳୀ ରାଜନିତୀ ପାଣିପାଗ ଉଷ୍ମତା ଦେଖାଦେଇଛି।

# ଟ୍ରାକିଂ କ୍ୟାମେରାରେ କଏଦ କଲରାପତରିଆ ବାଘ

## ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ

ନୂଆପଡ଼ା ଅଫିସ,୨୪।୩

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଥିବା ଗାଁ ଓ ପାହାଡତଳି ଗାଁରେ ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ହେବ ବାଘ ଆତଙ୍କ ଲାଗି ରହିଛି। ବାଘର ଫଟୋ ଟ୍ରାକ କରିବା ପାଇଁ ବନ ବିଭାଗ ପକ୍ଷରୁ ଟ୍ରାକିଂ କ୍ୟାମେରା ଲଗାଇ ଥିଲେ ମଧ୍ୟ ବାଘର ଫଟୋ ଟ୍ରାକ ହେଉ ନ ଥିଲା। ବନ ବିଭାଗ କେବଳ ବାଘର ପାଦ ଚିହ୍ନ ଠାବ କରିଥିଲା। ହେଲେ ଶୁକ୍ରବାର ନୂଆପଡ଼ା ସଦର ବ୍ଲକ ମୁସରଙ୍ଗି ପ୍ରସ୍ତାବିତ ସଂରକ୍ଷଣ ଜଙ୍ଗଲରେ ଲାଗିଥିବା ଟ୍ରାକ କ୍ୟାମେରା ବାଘର ଫଟୋ କଏଦ ହୋଇଥିବା ସୂଚନା ମିଳିଛି।

ସୁନାବେଡା ଅଭୟାରଣ୍ୟ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗ୍ରାମରେ ଜଣେ ମଣିଷ, ଦୁଇଟି ବାଛୁରି ଓ ଗୋଟିଏ କୁକୁର ଖାଇବା ପରେ ବନ ବିଭାଗ ୧୦ଟି ଟ୍ରାକିଂ କ୍ୟାମେରା ଲଗାଇ ବିଫଳ ହୋଇଛନ୍ତି। ଟ୍ରାକିଂ କ୍ୟାମେରାରେ ବାଘ ଟ୍ରାକ ହେଉ ନ ଥିବାରୁ କ୍ୟାମେରାର ସ୍ଥାନ ପରିବର୍ତ୍ତନ କରିଛନ୍ତି। ବାଘ ଗାଁ ଚାରି ପାଖରେ ବୁଲୁଛି। କ୍ୟାମେରାରେ ଫଟୋ ଟ୍ରାକ ନ ହେବାରୁ ବନପ୍ରାଣୀ ବିଭାଗ ନାକେଦମ ହୋଇ ଗଲେଣି। ବାଘ ଗାଁ ଚାରି ପାଖରେ ଗର୍ଜନ କରୁଥିବାରୁ ଲୋକେ ଆହୁରି ଭୟଭୀତ ଅଛନ୍ତି। କେବଳ ବନ ବିଭାଗ ଲୋକଙ୍କୁ ସଚେତନ କରୁଛି। ସେହିପରି ଅଭୟାରଣ୍ୟର ପାଦଦେଶରେ ଥିବା ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଆଜକୁ ପ୍ରାୟ ୩ ସପ୍ତାହ ହେବ ବାଘ ଆତଙ୍କ ଲାଗି ରହିଛି। ଗୁରୁବାର ଜଙ୍ଗଲରେ ଆଉ ଗୋଟିଏ ବାଛୁରି ମାରିଥିବା ଅଭିଯୋଗ ହୋଇଛି। ମୁସରଙ୍ଗୀ ସଂରକ୍ଷିତ ଅଞ୍ଚଳରେ ଥିବା ୧୦ରୁ ଊର୍ଦ୍ଧ୍ୱ ଗାଁ ଲୋକେ ଭୟଭୀତ ଅଛନ୍ତି। ସେମାନେ ବାଘୁଣୀ ସହିତ ଛୁଆ ମଧ୍ୟ ରହିଥିବା ଦେଖିଛନ୍ତି। ଜଲମଡେଇ ଗାଁରେ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ବନ୍ୟପ୍ରାଣୀ ବିଭାଗ ବାଘର ଟେର ପାଉ ନ ଥିବା ବେଳେ ନୂଆପଡା ସଦର ବ୍ଲକ ମୁସରଙ୍ଗି ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ଟ୍ରାକିଂ କ୍ୟାମେରାରେ କଲରାପତରିଆ ବାଘର ଫଟୋ କଏଦ ହୋଇଥିବା ନୂଆପଡା ସଦର ରେଞ୍ଜର ବିନିତା ଭୋଇ ସୂଚନା ଦେଇଛନ୍ତି।

# ପାତ୍ରବସା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା



ବୈଠକରେ ଯୋଗଦେଇଥିବା ଅତିଥି।

କୋକସରା,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ତହସିଲ ଅଧୀନ ଅନ୍ତର୍ଗତ ଆମପାଣି ପଞ୍ଚାୟତ ପାତ୍ରବସା ଗ୍ରାମକୁ ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ପୂର୍ବରୁ ପାତ୍ରବସା ଗ୍ରାମ କନ୍ଦାଗଡ ରାଜସ୍ୱ ଗ୍ରାମ ଅଧୀନରେ ରହିଥିଲା। ପାତ୍ରବସା ଗ୍ରାମବାସୀ ଦୀର୍ଘ ବର୍ଷରୁ ଜିଲା ପ୍ରଶାସନ ନିକଟରେ ରାଜସ୍ୱ ଗ୍ରାମର ମାନ୍ୟତ ପାଇଁ ଦାବି କରି ଆସୁଥିଲେ। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ପାତ୍ରବସା ଗ୍ରାମକୁ ଚଳିତବର୍ଷ ନୂତନ ରାଜସ୍ୱ ଗ୍ରାମ ନିମନ୍ତେ ଯୋଗ୍ୟ ବିବେଚିତ କରିଛନ୍ତି। ଗୁରୁବାର ପାତ୍ରବସା ଗ୍ରାମବାସୀଙ୍କ ପକ୍ଷରୁ ବୈଠକର ଆୟୋଜନ କରାଯାଇଥିଲା। ତହସିଲଦାର ଦେବବ୍ରତ କରାଟି, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ସଭ୍ୟ ଆମପାଣି ହେମନ୍ତ ମାଝି, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନାଙ୍କୁ ଗାଁର ମହିଳା, ଯୁବକଯୁବତୀମାନେ ସ୍ୱାଗତ କରିଛନ୍ତି। ଏହି ଅବସରରେ ତହସିଲଦାର ଗ୍ରାମ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହିତ ଏକ ବୈଠକରେ ପାତ୍ରବସା ଗ୍ରାମକୁ ବିଭାଗ ପକ୍ଷରୁ ରାଜସ୍ୱ ଗ୍ରାମ ଘୋଷଣ କରିଥିବା ସୂଚନା ଦେଇଛନ୍ତି। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷଙ୍କୁ ଗ୍ରାମବାସୀ ସ୍ଥାନୀୟ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷ ସପ୍ତାହ ମଧରେ ପାନୀୟ ଜଳ ଯୋଗାଣ ପାଇଁ ୨ଟି ନଳକୂପ ଖନନ କରି ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜସ୍ୱ ଗ୍ରାମ ଘୋଷଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପାତ୍ରବସା ଗ୍ରାମର ଯୁବକ ସଂଘ ସଭାପତି ଭୋଳାନାଥ ମାଝି, ଏକାଙ୍ଗ ଦୁର୍ଗା, ହେମନ୍ତ କୁମାର ସୁନା, କୀଚକ ଚଳାନ, ସୋନୁ ଅଗ୍ରୱାଲ, ନିତ୍ୟାନନ୍ଦ ମାଝି, ନିକୁଞ୍ଜ ସାହୁ, ରାଜେନ୍ଦ୍ର ବାଗ, ଯୁଗଳ କିଶୋର ନାଏକ, ତ୍ରିଲୋଚନ ବାଗ ଦୁଷ୍ମନ୍ତ ବାଗ, ବେଲାଲ ନାଏକ, ଦେବାଶିଷ ନାଏକ, ନବୀନ କୁମାର ରାଉତ, ସଦାଶିବ ଗହୀର ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଲୋନିପଡ଼ାରେ ସ୍ୱଚ୍ଛ ଭାରତ ଅଭିଯାନ

ନୂଆପଡ଼ା ଅଫିସ,୨୪।୩

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନିପଡାଠାରେ ନେହେରୁ ଯୁବ କେନ୍ଦ୍ର ନୂଆପଡାଙ୍କ ସହାୟତାରେ ରାଇଜିଂ ଷ୍ଟାର ୟୁଥ କ୍ଲବ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁଥ କ୍ଲବ ସଭାପତି ଉମାକାନ୍ତ ବନଛୋରଙ୍କ ନରତୃତ୍ୱରେ ଅନୁଷ୍ଠାନର ସମସ୍ତ ଯୁବକମାନେ ଏକତ୍ରିତ ହୋଇ କଲୋନିପଡା ପ୍ରାଥମିକ ବିଦ୍ୟାଳୟ, ନଳକୂଆ, ଯଜ୍ଞବେଦୀ ପରିସର ଓ ଗ୍ରାମ ରାସ୍ତା ସବୁ ସଫା କରିଥିଲେ। ବିଦ୍ୟାଳୟ ପରିସର ସବୁ ବେଳେ ସ୍ୱଚ୍ଛ ଓ ସୁନ୍ଦର ରହିବ। ମଇଳାଗୁଡିକ ଏଣେତେଣେ ନ ଫିଙ୍ଗି କୁଣ୍ଡରେ ଫିଙ୍ଗିବା ପାଇଁ ଏକ କୁଣ୍ଡ ପ୍ରଦାନ କରାଯାଇଛି। ସମ୍ପାଦକ ଲାଲମନ ବନଛୋର, ହିମାଂସୁ ମହାରଥା, ଉମେଶ ଅଦା, ଭକ୍ତ ବେମାଲ, ଅମିତ ବାରିକ, ସମୀର ବିଶି, ଭିକି ମହାରଥା, ଜେମନ୍ତ ମାଝି, ବୁଲୁ ପ୍ରଧାନୀଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ରମାନେମଧ୍ୟସାମିଲହୋଇଥିଲେ।

## ୩ ସ୍ଥାନରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

ଜୁନାଗଡ଼,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମାଟିଗାଁ, ବଣିଜରା ଓ ବଳଦିଆମାଠାରେ ଚାଷୀମାନଙ୍କ ସୁବିଧା ପାଇଁ ଶୁକ୍ରବାର ନୂତନ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏହିସବୁ କାର୍ଯ୍ୟାଳୟ ଭବାନପାଟଣା ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବିସିସି ବ୍ୟାଙ୍କ ନିର୍ଦ୍ଦେଶିକା ମନୀଷା ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟ ଲକ୍ଷ୍ମୀ କନ୍ଦପାନ, ବଳଦିଆମାଲ ସରପଞ୍ଚ ଅର୍ଚ୍ଚନା ମେହେର ପ୍ରମୁଖ ଯୋଗଦେଇଥିଲେ।


@ ଆଲୋକ


@ ଦୁର୍ଯ୍ୟୋଧନ


@ ସନାତନ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରରେ କଳାହାଣ୍ଡି ଜିଲା ପୁରସ୍କୃତ

## ଯକ୍ଷ୍ମା ରୋଗ ନିରାକରଣରେ ଉତ୍ତମ ପ୍ରଦର୍ଶନ

ଭବାନୀପାଟଣା,୨୪।୩(ସ୍ୱ.ପ୍ର.)

ରାଜ୍ୟରେ ଯକ୍ଷ୍ମା ନିରାକରଣରେ ଉତ୍ତମ ପ୍ରଦର୍ଶନ ପାଇଁ କଳାହାଣ୍ଡି ଜିଲାକୁ ପୁରସ୍କୃତ କରାଯାଇଛି। ଶୁକ୍ରବାର ଭୁବନେଶ୍ୱରଠାରେ ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ସାଲିନୀ ପଣ୍ଡିତ ଯୋଗଦେଇ କଳାହାଣ୍ଡି ଜିଲାକୁ ଯକ୍ଷ୍ମା ରୋଗ ନିରାକୋରଣରେ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କୃତ କରିଥିଲେ। ଏହି ପୁରସ୍କାର କଳାହାଣ୍ଡି ଜିଲା ଅତରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡ.ନିହାରେନ୍ଦ୍ର ପଣ୍ଡା ଗ୍ରହଣ କରିଥିଲେ। ରାଜ୍ୟସ୍ତରରେ ଏହି ପୁରସ୍କାର ପାଇବା ପରେ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗରେ ଉତ୍ସାହ ଦେଖିବାକୁ ମିଳିଛି।




କଳାହାଣ୍ଡି ଜିଲାକୁ ପୁରସ୍କୃତ କରାଯାଉଛି।

## ବ୍ଲକସ୍ତରୀୟ ଖାଉଟି ସଚେତନତା କର୍ମଶାଳା

ଜୁନାଗଡ଼,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଲ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଭବାନୀପାଟଣା ବାପୁଶ୍ରୀ ବିକାଶ ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମେହେର ଯୋଗଦେଇ ସଚେତନତାର ବାର୍ତ୍ତା ଦେଇଥିଲେ। ସେହିପରି କର୍ମଶାଳାକୁ ଜୁନାଗଡ଼ ବୈଧ ମାପ ବିଜ୍ଞାନ ନିରୀକ୍ଷକ ପ୍ରିୟରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। କର୍ମଶାଳାରେ ଜୁନାଗଡ଼ ଲଙ୍କେଶ୍ୱରୀ ଇଣ୍ଡନ ଗ୍ୟାସ୍‌ର କର୍ମଚାରୀ ଧନଞ୍ଜୟ ଭୋଇ, ବଳଦିଆମାଲ ସିଦ୍ଧାନ୍ତ ଫୁଏଲ୍ସର ପରମେଶ୍ୱର ଶବର, ଭବାନୀପାଟଣା ଟାଟା ପାୱାର ବିଦ୍ୟୁତ ବିଭାଗର ଦୁର୍ଗା ମାଧବ ପଣ୍ଡା ଯୋଗଦେଇ ଖାଉଟିସଚେତନତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତର ସ୍ଥାନୀୟ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ତଥା ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଭଙ୍ଗା ଦଦରା ଘରେ ଦନାରଙ୍କ ପରିବାର

## ଆବାସ ଯୋଜନାରୁ ବଞ୍ଚିତ

ପଲମ,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ରାକ୍ସି ପଞ୍ଚାୟତସ୍ଥିତ ବୁଢିପଦର ଗ୍ରାମର ଗରିବ ଦନାର ଗଉଡ(୬୫)ଙ୍କୁ ଆଜି ପର୍ଯ୍ୟନ୍ତ ଆବାସ ଗୃହ ମିଳିପାରି ନାହିଁ। ବୃଦ୍ଧ ଦନାର ତାଙ୍କ ସ୍ତ୍ରୀ ମନ୍ଦାରଙ୍କ ସମେତ ପୁଅ ଅମର, ବୋହୁ ବେଲ ଏବଂ ନାତି ଶିବା ଭଙ୍ଗାଦଦରା କୁଡିଆରେ ବାସ କରିଆସୁଛନ୍ତି। ଦନାରଙ୍କ ବୟସ ଅଧିକ ହୋଇଥିବା ଯୋଗୁ କୌଣସି କାର୍ଯ୍ୟ କରିପାରୁ ନାହାନ୍ତି। ଯେଣେତେଣ ପ୍ରକାରେଣ ସେ ଛେଳି କେତୋଟି ରଖି ଚରାଉଛନ୍ତି। ତାଙ୍କ ସ୍ତ୍ରୀଙ୍କୁ ୬୦ବର୍ଷ ଅତିକ୍ରମ କରିଥିଲେ ସୁଦ୍ଧା ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ପୁଅ ଅମର ଦିନ ମଜୁରିଆ କାମ କରିଥାନ୍ତି। ଏମାନଙ୍କ କିଛି ଜମିବାଡି ନାହିଁ, ମାତ୍ର ୩ ଡିସମିଲ ଘରଡିହ ରହିଛି। ଆବାସ ଗୃହ ଖଣ୍ଡିକ ପାଇଁ ଏହି ପରିବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଦୌଡି ନିରାଶ ହୋଇଛନ୍ତି। ପ୍ରକାଶ ଥାଉ କି ଆବାସ ତାଲିକାରେ ମଧ ଏହି ପରିବାରର ନାମ ନାହିଁ। ଭାଗ୍ୟକୁ ଆଦରି ଭଙ୍ଗା ଦଦରା ଘରେ ପଡିରହିଛନ୍ତି। କେତବେଳେ ଯେ ଘର ଭୁଷୁଡି ପଡପଡିବ ତାର ଠିକଣା ନାହିଁ। ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଏହି ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ସହ ମନ୍ଦାରଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଙ୍ଗା ଦଦରା ଘର ସମ୍ମୁଖରେ ସ୍ତ୍ରୀଙ୍କ ସହ ଦନାର ଗଉଡ।

# କଳାହାଣ୍ଡିର ୧୫ ପ୍ରତିଯୋଗୀଙ୍କ କୋରାପୁଟ ଗସ୍ତ

## ୨ୟ ରାଜ୍ୟ ର୍‍ୟାଙ୍କିଙ୍ଗ୍ ତିରନ୍ଦାଜ ପ୍ରତିଯୋଗିତା

ଲାଞ୍ଜିଗଡ,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ୧୫ ତୀରନ୍ଦାଜ ପ୍ରତିଯୋଗୀ ୨ୟ ରାଜ୍ୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ କୋରାପୁଟ ଗସ୍ତ କରିଛନ୍ତି। କୋରାପୁଟ ଜିଲା ସୁନାବେଡା ସାଇ ହଲଠାରେ ମାର୍ଚ୍ଚ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୫ଜଣ ପ୍ରତିଯୋଗୀ କୋରାପୁଟ ଗସ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ୫ଜଣ ବାଳିକା ଏବଂ ୧୦ଜଣ ବାଳକ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ବାଳକ ବିଭାଗର ହିତେଶ କୁମାର ମହାଖୁଡ, ମିଥୁନ ନାଏକ, ସଞ୍ଜୟ ମାଝି, ବିକ୍ରମ ମାଝି, ଅର୍ଜୁନ ମାଝି, ଚନ୍ଦ୍ରକାନ୍ତ ଭୋଇ, ସୀମାଞ୍ଚଳ ମାଝି, ଦାଶରଥୀ ମାଝି, ରୋଶନ ମାଝି, ଥବିର ମାଝି। ବାଳିକା ବିଭାଗରେ ଜୁଲି ମୁଣ୍ଡା, ଆରତୀ ମୁଣ୍ଡା, ରଚନା ମାଝି, ସାନୁ ମାଝି, ଗାୟତ୍ରୀ ମାଝି ରହିଛନ୍ତି। ଏହି ପ୍ରତିଯୋଗୀମାନେ ଲାଞ୍ଜିଗଡ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪ଜଣ ରହିଥିବା ବେଳେ ଜଣେ ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତିୟ ବିଦ୍ୟାଳୟର ଅଛନ୍ତି। ଏହି ପ୍ରତିଯୋଗୀମାନେ ୨୦୨୨ ଅକ୍ଟୋବରରେ ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ହୋଇଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେଇ ୧୩ ପଦକ ହାସଲ କରିବା ସହିତ ଏହି କୋରାପୁଟଠାରେ ହେଉଥିବା ଦ୍ୱିତୀୟ ରାଜ୍ୟ ରେଂକିଙ୍ଗ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଜିଲା ଆଥେଲେଟିକ ଆସୋସିଏଶନ ଏବଂ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ସହଯୋଗିତାରେ ଏହି ପ୍ରତିଯୋଗୀମାନେ କୋରାପୁଟ ଗସ୍ତ କରିଛନ୍ତି। ଖେଳାଳିଙ୍କ ସହିତ କୋଚ ସୀମାଞ୍ଚଳ କାତ୍ରାକା, ମ୍ୟାନେଜର ବିଳାସିନୀ ସେଠ ଓ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ସିଏସଆର ବିଭାଗର ଅଭିନଭ ପ୍ରତାପ ଗସ୍ତ କରିଛନ୍ତି। ୨ୟ ରାଜ୍ୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗୀତା ପାଇଁ କୋରାପୁଟ ଗସ୍ତ ବେଳେ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଲିମିଟେଡ଼ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ଲାଞ୍ଜିଗଡ ଡିଏଭି ସ୍କୁଲ ଅଧକ୍ଷ ସଦାନନ୍ଦ ହୋତା, ଏସଏସଡି ସ୍କୁଲ ଖେଳ ଶିକ୍ଷକ ଜୟଲାଲ ଭୋଇ, କରାଟେ କୋଚ କ୍ଷମାନିଧି ମହାଖୁଡଙ୍କ ସମେତ ୨ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।



୨ୟ ରାଜ୍ୟ ର୍‍ୟାଙ୍କିଙ୍ଗ୍ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ପ୍ରତିଯୋଗୀ।

# ଡାକ ଟିକେଟ ଦେଶର କୁନି ରାଷ୍ଟ୍ରଦୂତ

## ଗ୍ରାମୀଣ ଡାକ ବୀମା ଯୋଜନା ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା ଅଫିସ,୨୪।୩**

ରାଉରକେଲା ଉଦିତନଗର ସ୍ଥିତ ଆଇଟିଡିଏ ସଭାଗୃହରେ ଶୁକ୍ରବାର ରାଉରକେଲା ପୋଷ୍ଟାଲ ଡିଭିଜନ ପକ୍ଷରୁ ଫିଲେଟାଲି ସମାରୋହ ମେଳା ଏବଂ ଗ୍ରାମୀଣ ଡାକ ବୀମା ଯୋଜନା ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲାପାଳ ଡଃ ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ ଟିକେଟ ରାଷ୍ଟ୍ରର ସଭ୍ୟତା, ସଂସ୍କୃତି ଓ ଐତିହ୍ୟର ମୂଳସ୍ମାରକ ଏବଂ ଦେଶର କୁନି ରାଷ୍ଟ୍ରଦୂତ ବୋଲି କହିଥିଲେ। ନିଟ୍ ପ୍ରଫେସର ଶ୍ରୀମନ୍ତନୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫିଲେଟାଲି ହେଉଛି କିଙ୍ଗ୍ ଅଫ୍ ହବି, ଫିଲେଟଲିରେ ଆଗ୍ରହ ସହକାରେ ଖୋଳତାଡ କଲେ ଭାରତ ବ୍ୟତୀତ ବିଶ୍ୱ ଗୁପ୍ତ ଐତିହ୍ୟ ବିଷୟ ସହଜରେ ସଂଗ୍ରହ କରାଯାଇପାରେ ବୋଲି କହିଥିଲେ। ଅନ୍ୟତମ ଅତିଥି ଗୁରୁ ନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡଃ ମନଭିର କୌର ଓ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଲଳିତ ମୋହନ ସାହୁ କହିଥିଲେ, ସମୟ ସହ ଯୁଗ ବଦଳୁଛି। ଏହାମଧ୍ୟରେ ବାର୍ତ୍ତା ଓ ଲେଖନୀ ପ୍ରେରଣା ସଞ୍ଚାର ବ୍ୟବସ୍ଥା ବି ବଦଳିଗଲାଣି। ବର୍ତ୍ତମାନ ଯୁବପିଢି ବିଶେଷ ମାତ୍ରାରେ ସୋସିଆଲ ମିଡିଆ ଉପରେ ନିର୍ଭରଶୀଳ ହେବାରେ ଲାଗିଛନ୍ତି। ମାତ୍ର ଏସବୁ ପରିବର୍ତ୍ତେ ଯୁବପିଢି ଓ ଛାତ୍ରସମାଜ ଫିଲେଟଲି (ଡାକ ଟିକେଟ ସଂଗ୍ରହ)ରେ ଆଗ୍ରହୀ ହେଲେ ବିଶ୍ୱ ଇତିହାସ ବିଷୟରେ ଜ୍ଞାନ ଅଧିକ ବିକଶିତ ହୋଇପାରନ୍ତା। ଡାକ ବିଭାଗର ଅଧୀକ୍ଷକ ସର୍ବେଶ୍ୱର ଚୌଧୁରୀ ଡାକ ବିଭାଗରେ ଥିବା ଡିଜିଟାଲ ସେବା, ପୋଷ୍ଟ ଅଫିସର ବିଭିନ୍ନ ସଞ୍ଚୟ ଯୋଜନା, ଡାକ ବୀମା ଯୋଜନା, ଗ୍ରାମୀଣ ବୀମା ଯୋଜନା, ଫିଲାଟେଲି ଓ ଅନ୍ୟାନ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ ବିଭାଗ ପକ୍ଷରୁ ଫିଲେଟଲି ଦିନ୍ ଦୟାଲ ସ୍ୱର୍ଶ ଯୋଜନା ଓ ଢାଇ ଅକ୍ଷର ଚିଠି ଲେଖା ପ୍ରତିଯୋଗିତାର କୃତୀ ଗୁରୁନାନକ ପବ୍ଲିକ ସ୍କୁଲର ସବ୍ୟସାଚୀ ଜେନା, ଅଶ୍ମୀ ଆଲରୋ ଶିଖା ଏବଂ ଇସ୍ପାତ ବିଦ୍ୟାମନ୍ଦିର ଛାତ୍ରୀ ପ୍ରାଚୀ ପଲ୍ଲବୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ୨୦ଜଣ ଡାକ କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରାଉରକେଲା ପୋଷ୍ଟାଲ ଡିଭିଜନର ସମସ୍ତ କର୍ମଚାରୀ ଏବଂ ଉପ ଅଧୀକ୍ଷକ ସହଯୋଗ କରିଥିଲେ। ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ତାପସ ପରେଇ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିରିକ୍ତ ଜିଲାପାଳ ଜଣେ ଡାକ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଟ୍ରାକିଂ କ୍ୟାମେରାରେ କଏଦ କଲରାପତରିଆ ବାଘ

**ନୂଆପଡ଼ା ଅଫିସ,୨୪।୩**

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଥିବା ଗାଁ ଓ ପାହାଡତଳି ଗାଁରେ ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ହେବ ବାଘ ଆତଙ୍କ ଲାଗି ରହିଛି। ବାଘର ଫଟୋ ଟ୍ରାକ କରିବା ପାଇଁ ବନ ବିଭାଗ ପକ୍ଷରୁ ଟ୍ରାକିଂ କ୍ୟାମେରା ଲଗାଇ ଥିଲେ ମଧ୍ୟ ବାଘର ଫଟୋ ଟ୍ରାକ ହେଉ ନ ଥିଲା। ବନ ବିଭାଗ କେବଳ ବାଘର ପାଦ ଚିହ୍ନ ଠାବ କରିଥିଲା। ହେଲେ ଶୁକ୍ରବାର ନୂଆପଡ଼ା ସଦର ବ୍ଲକ ମୁସରଙ୍ଗି ପ୍ରସ୍ତାବିତ ସଂରକ୍ଷଣ ଜଙ୍ଗଲରେ ଲାଗିଥିବା ଟ୍ରାକ କ୍ୟାମେରା ବାଘର ଫଟୋ କଏଦ ହୋଇଥିବା ସୂଚନା ମିଳିଛି।

ସୁନାବେଡା ଅଭୟାରଣ୍ୟ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗ୍ରାମରେ ଜଣେ ମଣିଷ, ଦୁଇଟି ବାଛୁରି ଓ ଗୋଟିଏ କୁକୁର ଖାଇବା ପରେ ବନ ବିଭାଗ ୧୦ଟି ଟ୍ରାକିଂ କ୍ୟାମେରା ଲଗାଇ ବିଫଳ ହୋଇଛନ୍ତି। ଟ୍ରାକିଂ କ୍ୟାମେରାରେ ବାଘ ଟ୍ରାକ ହେଉ ନ ଥିବାରୁ କ୍ୟାମେରାର ସ୍ଥାନ ପରିବର୍ତ୍ତନ କରିଛନ୍ତି। ବାଘ ଗାଁ ଚାରି ପାଖରେ ବୁଲୁଛି। କ୍ୟାମେରାରେ ଫଟୋ ଟ୍ରାକ ନ ହେବାରୁ ବନପ୍ରାଣୀ ବିଭାଗ ନାକେଦମ ହୋଇ ଗଲେଣି। ବାଘ ଗାଁ ଚାରି ପାଖରେ ଗର୍ଜନ କରୁଥିବାରୁ ଲୋକେ ଆହୁରି ଭୟଭୀତ ଅଛନ୍ତି। କେବଳ ବନ ବିଭାଗ ଲୋକଙ୍କୁ ସଚେତନ କରୁଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆଲୋକ


@ ଦୁର୍ଯ୍ୟୋଧନ


@ ସନାତନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବେଲପାହାଡ଼ରେ ବିଶ୍ୱ ଯକ୍ଷ୍ମା ଦିବସ



ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟଅତିଥି।

**ବେଲପାହାଡ,୨୪।୩(ଡି.ଏନ.ଏ.)**

ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ସିଏସ୍‌ଆର ବିଭାଗ ଓ ଡାକ୍ତରଖାନାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା। ମୁଖ୍ୟଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକି ଡାକ୍ତରଖାନା ନିର୍ଦ୍ଦେଶକ (ମେଡିକାଲ ସର୍ଭିସେସ) ଡ଼ା. ତୁଷାର କାନ୍ତି ଦାଶ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଯଥାବିଧି ଔଷଧ ସେବନ କଲେ ଯକ୍ଷ୍ମା ରୋଗ ନିଶ୍ଚିତ ଭାବେ ଭଲ ହୋଇପାରିବ ବୋଲି କହିଥିଲେ। ଡାକ୍ତରଖାନା ପରିସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଆଭା ସଂଗଠନ ପକ୍ଷରୁ ନିଶୁଳ୍କ ଯକ୍ଷ୍ମା, ହେପାଟାଇଟିସ ବି, ମଧୁମେହ ଆଦି ପରୀକ୍ଷା କରାଯାଇଥିଲା। ସିଏସ୍‌ଆର୍ ବିଭାଗର ବରିଷ୍ଠ ଅଧିକାରୀ ଶଶାଙ୍କ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନ କରିଥିବା ବେଳେ ଡା. ମଞ୍ଜୁରୀ ବେଶ୍ରା, ଡା. ଏଚ୍‌ଏନ୍ ମୁର୍ମୁ, ଡା. ରାଜେଶ ସିଂଦେଓ, ଡା. ତାନଭି ଶେଖର, ଡା. ଧାନି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଖାନା କର୍ମଚାରୀଙ୍କ ମଧ୍ୟରେ ଯକ୍ଷ୍ମା ରୋଗ ସଚେତନତା ଆଧାରିତ ପୋଷ୍ଟର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆର୍‌ଜିଏଚ୍‌ରେ ଚକ୍ଷୁ ପ୍ରତିରୋପଣ କେନ୍ଦ୍ର ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୪।୩**

### ପ୍ରଥମ ଦିନରେ ୨ରୋଗୀଙ୍କ ହେଲା ସଫଳ ଚକ୍ଷୁ ପ୍ରତିରୋପଣ

ଆର୍‌ଜିଏଚ୍‌ରେ ଶୁକ୍ରବାର ଚକ୍ଷୁ ପ୍ରତିରୋପଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁ, ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଜଗଦୀଶ ଚନ୍ଦ୍ର ବାରିକ, ଓଫଥାର ଏଚ୍‌ଓଡି ଡଃ ସବ୍ୟସାଚୀ ପଟ୍ଟନାୟକ, ଡଃ ପଣ୍ଡିତ ସାହୁ, ଡଃ ଜୟେଶ ଟପ୍ପୋ, ଏଲ୍‌ଭିପିଇଆଇ ନିର୍ଦ୍ଦେଶକ ଡଃ ଶ୍ରୀକାନ୍ତ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଆରଜିଏଚରେ ଶୁକ୍ରବାର ପ୍ରଥମ ଥର ପାଇଁ ୨ଜଣ ଚକ୍ଷୁ ରୋଗୀ ବାମଡା ଅଞ୍ଚଳର ସୁଲୋଚନା ଘାସି(୫୭) ଓ ଛେଣ୍ଡ କଲୋନୀର ସୁଷମା ରହ(୬୬)ଙ୍କ ସୁନେତ୍ର ଯୋଜନାରେ ଚକ୍ଷୁ ପ୍ରତିରୋପଣ କରାଯାଇଥିଲା। ଡଃ ସମୀର କୁମାର ପାତ୍ରଙ୍କ ନେତୃତ୍ୱରେ ସଫଳ ଭାବେ ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର ହୋଇଥିଲା। ଚକ୍ଷୁ ପ୍ରତିରୋପଣ ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ କର୍ଣ୍ଣିଆ ଯୋଗାଇ ଦେଇଥିଲା।

## ଡାଲମିଆ ବିଦ୍ୟା ମନ୍ଦିରରେ ପୂର୍ବ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ଦୀକ୍ଷାନ୍ତ ସମାରୋହ




**ରାଜଗାଙ୍ଗପୁର, ୨୪।୩(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ଡାଲମିଆ ବିଦ୍ୟାମନ୍ଦିର (ଡିଭିଏମ)ରେ ବାର୍ଷିକ ଫଳ ପ୍ରକାଶନ ଅବସରରେ ପୂର୍ବ ପ୍ରାଥମିକ (କଲାସ ୟୁକେଜି) ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଏକ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହେଇଥିଲା। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ଉତ୍ସାହ ବର୍ଦ୍ଧନ ଉପଲକ୍ଷେ ପାରମ୍ପରିକ ରୀତିନୀତିରେ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ କର ଓ ହେଡ ମିଷ୍ଟ୍ରେସ ସୁଶ୍ରୀ ଇଲା ମହାପାତ୍ର ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅବିଭାବକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଡାଲମିଆ ବିଦ୍ୟା ମନ୍ଦିରର ସିଇଓ ଡ଼ ରୋସେଟା ୱେଲିଅମ୍ସ ଏହି ଅବସରରେ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ବିଦ୍ୟାଳୟର ଏହି ପାରମ୍ପରିକ ଉତ୍ସବକୁ କୁନି କୁନି ପିଲାମାନେ ଆନନ୍ଦ ଉଲ୍ଲାସର ସହିତ ଉପଭୋଗ କରିଥିଲେ ଓ ଅଭିଭାବକମାନେ ମଧ୍ୟ ନିଜ ପିଲାମାନଙ୍କର କୃତିତ୍ୱରେ ଗୌରବ ଅନୁଭବ କରିଥିଲେ।

## ଆର୍‌ଜିଏଚ୍‌ରେ ସର୍ଜିକାଲ, ଅର୍ଥୋପେଡିକ୍ ଓଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ

**ରାଉରକେଲା ଅଫିସ,୨୪।୩**

### ପ୍ରତିଶ୍ରୁତି ପରେ ମୁକ୍ତିକାନ୍ତଙ୍କ ଧାରଣା ପ୍ରତ୍ୟାହୃତ

ରାଉରକେଲା ଆର୍‌ଜିଏଚ୍‌ରେ ସର୍ଜିକାଲ ଏବଂ ଅର୍ଥୋପେଡିକ୍ ଓଟି ଚାଲୁ କରିବା ଦାବିରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ଓ ବୁଧବାର ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ଗୁରୁବାର ସକାଳେ ସେମାନେ ଆର୍‌ଜିଏଚ୍ ମେଡିକାଲ ସମ୍ମୁଖକୁ ଯାଇ ସେଠାରେ ଧାରଣା ଦେଇଥିଲେ। ସନ୍ଧ୍ୟା ୮ଟା ସମୟରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁ ଓ ଆର୍‌ଜିଏଚ୍ ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନିକ ଅଧିକାରୀମାନେ ୧୫ ଦିନ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି, ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାର୍ଚ୍ଚ ମାସ ପହିଲାରୁ ଉଭୟ ସର୍ଜରୀ ଓ ଅର୍ଥୋପେଡିକ୍ ବିଭାଗ ଡାକ୍ତର ଛୁଟିରେ ଅଛନ୍ତି। ଉଭୟ ବିଭାଗରେ ୫ଜଣ ଡାକ୍ତର ରହିବା କଥା। ବର୍ତ୍ତମାନ ସର୍ଜରୀ ବିଭାଗରେ ୩ଜଣ ଡାକ୍ତର ଥିବାରୁ ଅସ୍ତ୍ରୋପଚାର ବ୍ୟାହତ ହେଉଛି। ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଚାଲିଛି। ଡାକ୍ତର ସମସ୍ୟା କେବଳ ଆର୍‌ଜିଏଚ୍‌ରେ ନାହିଁ, ସାରା ରାଜ୍ୟରେ ଡାକ୍ତର ସମସ୍ୟା ରହିଛି। ଏଣୁ ଏହି ଧାରଣା ଯୁକ୍ତିଯୁକ୍ତ ନୁହେଁ। ଏହାଦ୍ୱାରା ଆର୍‌ଜିଏଚ୍‌ର ଅନ୍ୟ ଡାକ୍ତରଙ୍କ ଉପରେ ମାନସିକ ସ୍ତରରେ ଚାପ ପଡୁଛି ବୋଲି ନିର୍ଦ୍ଦେଶକ ସ୍ୱାଇଁ କହିଥିଲେ।

## ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କୁତ୍ରା, ୨୪।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ମହିଳା ସଂଗ୍ରାମ ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଧାରା ୨୧ ଅନୁସାରେ ଜନସାଧାରଣଙ୍କର ସର୍ବନିମ୍ନ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା କୁହାଯାଇଛି। ଦାବି ଗୁଡିକ ହେଉଛି ଗ୍ରାମ ଜଳ ଓ ପରିମଳ ବିଭାଗ ଜରିଆରେ ତୁରନ୍ତ ଖରାପ ନଳକୂପର ମରାମତି କରି କାର୍ଯ୍ୟକ୍ଷମ କରିବା, ସ୍ୱାସ୍ଥ୍ୟ ପରିଷ୍କାର ପରିଚ୍ଛନତା, ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ପରିବାର ଓ ଶିଶୁ ଯତ୍ନ ଦିଗରେ ଧ୍ୟାନ, ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରିବା। ଏଭଳି ଭାବରେ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।

## କଲୋନିପଡ଼ାରେ ସ୍ୱଚ୍ଛ ଭାରତ ଅଭିଯାନ

**ନୂଆପଡ଼ା ଅଫିସ,୨୪।୩**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନିପଡାଠାରେ ନେହେରୁ ଯୁବ କେନ୍ଦ୍ର ନୂଆପଡାଙ୍କ ସହାୟତାରେ ରାଇଜିଂ ଷ୍ଟାର ଯୁଥ କ୍ଲବ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁଥ କ୍ଲବ ସଭାପତି ଉମାକାନ୍ତ ବନଛୋରଙ୍କ ନରତୃତ୍ୱରେ ଅନୁଷ୍ଠାନର ସମସ୍ତ ଯୁବକମାନେ ଏକତ୍ରିତ ହୋଇ କଲୋନିପଡା ପ୍ରାଥମିକ ବିଦ୍ୟାଳୟ, ନଳକୂଆ, ଯଜ୍ଞବେଦୀ ପରିସର ଓ ଗ୍ରାମ ରାସ୍ତା ସବୁ ସଫା କରିଥିଲେ। ବିଦ୍ୟାଳୟ ପରିସର ସବୁ ବେଳେ ସ୍ୱଚ୍ଛ ଓ ସୁନ୍ଦର ରହିବ। ମଇଳାଗୁଡିକ ଏଣେତେଣେ ନ ଫିଙ୍ଗି କୁଣ୍ଡରେ ଫିଙ୍ଗିବା ପାଇଁ ଏକ କୁଣ୍ଡ ପ୍ରଦାନ କରାଯାଇଛି।

## ବ୍ଲକସ୍ତରୀୟ ଖାଉଟି ସଚେତନତା କର୍ମଶାଳା

**ଜୁନାଗଡ଼,୨୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଲଦିଆମାଲ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଭବାନୀପାଟଣା ବାପୁଶ୍ରୀ ବିକାଶ ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମେହେର ଯୋଗଦେଇ ସଚେତନତାର ବାର୍ତ୍ତା ଦେଇଥିଲେ। ସେହିପରି କର୍ମଶାଳାକୁ ଜୁନାଗଡ଼ ବୈଧ ମାପ ବିଜ୍ଞାନ ନିରୀକ୍ଷକ ପ୍ରିୟରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। କର୍ମଶାଳାରେ ଜୁନାଗଡ଼ ଲଙ୍କେଶରୀ ଇଣ୍ଡନ ଗ୍ୟାସ୍‌ର କର୍ମଚାରୀ ଧନଞ୍ଜୟ ଭୋଇ, ବଲଦିଆମାଲ ସିଦ୍ଧାନ୍ତ ଫୁଏଲ୍ସର ପରମେଶ୍ୱର ଶବର, ଭବାନୀପାଟଣା ଟାଟା ପାୱାର ବିଦ୍ୟୁତ ବିଭାଗର ଦୁର୍ଗା ମାଧବ ପଣ୍ଡା ଯୋଗଦେଇ ଖାଉଟି ସଚେତନତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତର ସ୍ଥାନୀୟ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ତଥା ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଯୁବ ଦକ୍ଷତା ପ୍ରତିପାଦନ କର୍ମଶାଳା

**ଦେବଗଡ଼, ୨୪।୩(ଡି.ଏନ.ଏ.)**


ହାପୀ ଟୁ ହେଲ୍ପ ଫାଉଣ୍ଡେସନ'ର କର୍ମକର୍ତ୍ତା ଓ ଅନ୍ୟମାନେ।

ରିଆମାଳ ବ୍ଲକ ମୁଖ୍ୟାଳୟ କଲ୍ୟାଣ ମଣ୍ଡପଠାରେ ସାମାଜିକ ଅନୁଷ୍ଠାନ 'ହାପୀ ଟୁ ହେଲ୍ପ ଫାଉଣ୍ଡେସନ'ର ସାମାଜିକ କାର୍ଯ୍ୟରେ ଯୁବ ଦକ୍ଷତା ପ୍ରତିପାଦନ କର୍ମଶାଳା ଆୟୋଜିତ ହୋଇଯାଇଛି। ଦେବଗଡ଼ ସହରରେ କାର୍ଯ୍ୟ କରିଆସୁଥିବା ଏହି ଫାଉଣ୍ଡେସନ ଦେବଗଡ଼ର ପୁରପଲ୍ଲୀରେ ସାମାଜିକ କାର୍ଯ୍ୟରେ ଯୁବ ଗୋଷ୍ଠୀଙ୍କୁ ସାମିଲ କରି ଉତ୍ସାହିତ କରିବା ସହିତ ସାମାଜିକ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜ, ସାଧାରଣ ସମ୍ପାଦକ ଆଲୋକ ଅମାତ, କୋଷାଧକ୍ଷ ବିଷ୍ଣୁ ନାୟକଙ୍କ ସହ ସଂଗଠର ଆଇନ ପରାମର୍ଶଦାତା ବିକାଶ ପ୍ରଧାନ, ଉପଦେଷ୍ଟା ଅମରେନ୍ଦ୍ର ଗଙ୍ଗଦେବ, ଇଂ ଚିତ୍ତରଞ୍ଜନ ପ୍ରଧାନ, ରାଜକିଶୋର ଦାସ(ମିଲକୁ), ଭୂପେନ୍ଦ୍ର ପ୍ରସାଦ ନାୟକ, ପିକୁନ ଯତୀନ ନାୟକ, ଦୀପନ ନାୟକ, ଆମ୍ଳାଂଶୁ ପୂଝାରୀ, ପପୁ ବିଶାଳ, ଦୁଷ୍ମନ୍ତ ବିଶି, ପିଣ୍ଟୁ ସ୍ୱାଇଁ, ହିତେଶ ବେହେରା,ସୁଶାନ୍ତ ପ୍ରଧାନ, ଅଖିଳ ସାହୁ, ବିନୋଦ ସ୍ୱାଇଁଙ୍କ ଆବାହନ କ୍ରମେ ସମସ୍ତ ପଞ୍ଚାୟତରୁ ୫ ରୁ ୧୦ ଜଣ ସଭ୍ୟ ଆଲୋଚନାରେ ଭାଗନେଇଥିଲେ। କୁଲବସା ପଞ୍ଚାୟତର ଛାଡ଼ ଗ୍ରାମର ବିରଞ୍ଚି କିସାନ ଏବଂ ପାର୍ବତୀ କିସାନଙ୍କ୧୭ ମାସର ଝିଅ ତିଳତ୍ତମା କିସାନଙ୍କ ଟ୍ୟୁମର ଚିକିତ୍ସା ପାଇଁ ୫୦୦୦ ଟଙ୍କା ଅର୍ଥରାଶି ସହିତ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ଖର୍ଚ୍ଚ ଫାଉଣ୍ଡେସନ ବହନ କରିବ ବୋଲି ପ୍ରତିଶୃତି ଯାଇଥିଲା। ଆଗାମୀ ଦିନରେ ଦେବଗଡ଼ର ରକ୍ତାଭାବ ଦୂରକରିବା ସହ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଉପରେ ଗୁରୁତ୍ୱ, ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ସହ ସମର୍ପିତ ମନୋଭାବରେ ସମାଜ ପ୍ରତିବ୍ରତୀ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା।

